### ସାପ କାମୁଡ଼ାରେ ଜଣେ ଗୁରୁତର

ଦଶମନ୍ତପୁର,( ଅରବିନ୍ଦ ନାୟକ )-କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପରଜା ବାଡିଙ୍କଣ୍ଡା ଗ୍ରାମରେ ସାପ କାମୁଡ଼ାରେ ଗୁରୁବାର ଜଣେ ବ୍ୟକ୍ତି ଗୁରୁତର ହୋଇଥିବା ଜଣାପଡ଼ିଛି। ସେ ହେଲେ କୃଷ୍ଣ ମୁଦୁଲି (୫୫)। ଗାଁଠାରୁ ୧ କି.ମି. ଦୂର ବାଉଁଶ ଡଙ୍ଗରକୁ କୃଷ୍ଣ ସକାଳ ୮ଟାରେ ଗୋରୁ ଚରାଇବାକୁ ଯାଇଥିଲେ। ସେଠାରେ ଏକ ବିଷଧର ସାପ ତାଙ୍କ ବାମ ଗୋଡ଼କୁ ଦଂଶନ କରିଥିଲା। କୃଷ୍ଣ ନିଜ ଗୋଡ଼ରେ ସଙ୍ଗେ ସଙ୍ଗେ ଏକ ପଟି ବାନ୍ଧି ଦେଇଥିଲେ ଏବଂ ସାଥିରେ ଗ୍ରାମର କୁରମ ପରଜା ଓ ଅନ୍ୟମାନଙ୍କ ସହାୟତାରେ ନିଜ ଘରକୁ ଆସିଥିଲେ। ସାପ କାମୁଡ଼ିଥିବା ଜାଣିବା ପରେ ପୁତୁରା ତ୍ରିନାଥ ମୁଦୁଲି ଏକ ବାଇକ ଯୋଗେ କୃଷ୍ଣଙ୍କୁ ଦଶମନ୍ତପୁର ଡାକ୍ତରଖାନା ନେଇ ଆସିଥିଲେ। କୃଷ୍ଣଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଡାକ୍ତର ପାର୍ଥସାରଥି ପଣ୍ଡା କହିଛନ୍ତି।



## ସଂକ୍ଷେପରେ

### ମେଣ୍ଢା ତଣ୍ଟି କାଟି ମାଲିକଙ୍କୁ ଟାଙ୍ଗିଆରେ ଆକ୍ରମଣ

ପାପଡାହାଣ୍ଡି/ମଇଦଲପୁର, ୧୦।୮ (ସ୍ୱପ୍ନଜିତ ପଟ୍ଟନାୟକ/ ସଦାଶିବ ଦାସ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ନୂଆକୋଟ ପଞ୍ଚାୟତ ପଣ୍ଡିତଗୁଡା ଗ୍ରାମକୁ ମେଣ୍ଢା ଚୋରାଇବାକୁ ଯାଇ ମେଣ୍ଢା ତଣ୍ଟି କାଟିବା ସହ ପୁଣି ପ୍ରତିଶୋଧ ନେବାକୁ ରାଗରେ ମାଲିକଙ୍କୁ ଟାଙ୍ଗିଆରେ ଆକ୍ରମଣ କରାଯାଇଛି। ଏ ନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ଶୁକ୍ରବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ। ସୂଚନା ଅନୁଯାୟୀ ପଣ୍ଡିତଗୁଡ଼ା ଗ୍ରାମର କେଶବ ଗୌଡ଼ ବୁଧବାର ନିଜ ମେଣ୍ଢା ଚୋରାଇବା ପରେ ଘର ଗୁହାଳରେ ସନ୍ଧ୍ୟାରେ ରଖିଥିଲେ। ସନ୍ଧ୍ୟା ପ୍ରାୟ ୫ଟାରେ ଗୁହାଳରୁ କିଛି ଶବ୍ଦ ଶୁଭିବାରୁ ସେଠାକୁ ଯାଇଥିଲେ। ଗୁହାଳରେ ଏକ ମେଣ୍ଢା ରକ୍ତାକ୍ତ ଅବସ୍ଥାରେ ପଡିରହି ଥିଲା। ଗ୍ରାମର ବିପିନ ପାଇକ ଗୁହାଳ ରୁ ବାହାରି କେଶବଙ୍କୁ ଧକ୍କା ଦେଇ ଦୌଡ଼ି ଚାଲିଯାଇଥିଲା। କେଶବ ଗ୍ରାମରେ ଘଟଣା ସମ୍ପର୍କରେ ଜଣାଇଥିଲେ। କେଶବ ରାତିରେ ଘରେ ଶୋଇଥିବା ବେଳେ ରାତି ପ୍ରାୟ ୩ଟାରେ ବିପିନ ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ କେଶବଙ୍କ ହାତ ଓ ଛାତିରେ ତାଙ୍କର ଆଘାତ ଲାଗିଛି। କେଶବଙ୍କୁ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ମଇଦଲପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। କେଶବଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଏନେଇ ମଇଦଲପୁର ଥାନାରେ ଅଭିଯୋଗ ହେବା ପରେ କେସ୍ ନଂ. ୧୧୧/୨୩ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ଥାନାଧିକାରୀ ନଟବର ନନ୍ଦ ସୂଚନା ଦେଇଛନ୍ତି।

### ଡାବୁଗାଁ ଗାନ୍ଧୀ ପାର୍କରୁ ଚୋରି

ଡାବୁଗାଁ, ୧୦।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଜୟନ୍ତୀନଗର ଛକରେ ଥିବା ଗାନ୍ଧୀ ପାର୍କରୁ ଚୋରି ହୋଇଛି। ଉକ୍ତ ପାର୍କକୁ ଡାବୁଗାଁ ବ୍ଲକ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ୨୦୨୨-୨୩ ଆର୍ଥିକ ବର୍ଷରେ ୧୦ ଲକ୍ଷ ଅର୍ଥ ବ୍ୟୟରେ ନୂତନ ଭାବେ ରୂପାନ୍ତରଣ କରାଯାଇଛି। ପାର୍କ ସୌନ୍ଦର୍ଯ୍ୟ ପାଇଁ ଲଗାଯାଇଥିବା ୪ ଲୁହା ଗ୍ରୀଲକୁ ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ଚୋରଙ୍କୁ ଧରିବା ସହ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ପକ୍ଷରୁ ପାର୍କ ପାଇଁ ରାତ୍ରି ଜଗୁଆଳି ନିଯୁକ୍ତି ନେଇ ଦାବି ହୋଇଛି।

### ୧୮ରେ ବ୍ଲକ କାର୍ଯ୍ୟାଳୟ ଘେରିବ କଂଗ୍ରେସ

ତେନ୍ତୁଳିଖୁଣ୍ଟି, ୧୦।୮ (ଚିଦାନନ୍ଦ ସାହୁ)

ଦରଦାମ ବୃଦ୍ଧି, ବେକାରୀ ସମସ୍ୟା, ଦୁର୍ନୀତି ଆଦି ପ୍ରସଙ୍ଗରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ବ୍ଲକସ୍ତରରେ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଛନ୍ତି। ଆନ୍ଦୋଳନରେ ପ୍ରତ୍ୟେକ ପଞ୍ଚାୟତରୁ କର୍ମକର୍ତ୍ତା ତଥା ଜନତାଙ୍କୁ କିଭଳି ସାମିଲ କରାଯାଇ ପାରିବ, କିଏ କେଉଁ ପଞ୍ଚାୟତ ଦାୟିତ୍ୱରେ ରହିବ ସେ ନେଇ ଆଲୋଚନା ହୋଇଥିଲା। ବ୍ଲକ କଂଗ୍ରେସ ସଭାପତି ପ୍ରହ୍ଲାଦ ହିଆଲଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ୧୮ ତାରିଖରେ ବ୍ଲକ ଘେରାଉ କରାଯିବ ବୋଲି ସ୍ଥିର ହୋଇଛି। ଏହି ବୈଠକରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପି. ନାଗା ରତ୍ନାମା, ଜିଲା କଂଗ୍ରେସ ଆଦିବାସୀ ସେଲ ସଭାପତି ଦିଲୀପ ପ୍ରଧାନୀ, ଭୀମସେନ ପାଣିଗ୍ରାହୀ, ବସନ୍ତ ପାଣିଗ୍ରାହୀ, ସୁନୀଲ ସିଂ, କିଶୋର ସିଂ, କୁମର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୮୧୪୪ ଜବ୍‌କାର୍ଡଧାରୀଙ୍କୁ ମିଳିଛି କାମ

### -ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଜନ ଶୁଣାଣି

ନନ୍ଦାହାଣ୍ଡି, ୧୦।୮ (ପ୍ରତୀପ କୁମାର ଦାଶ)



ଜନଶୁଣାଣିରେ ଉପସ୍ଥିତ ଅଧିକାରୀ ଏବଂ କମିଟି ମେମ୍ବର।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ବୈଠକ ଗୃହରେ ଗୁରୁବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ନନ୍ଦାହାଣ୍ଡି ବ୍ଲକ ୧୧ ପଞ୍ଚାୟତର ୨୦୨୨/୨୩ ଆର୍ଥିକ ବର୍ଷରେ ଏହି ଯୋଜନାରେ ଅନୁଦାନ କାର୍ଯ୍ୟ ଏବଂ ଖର୍ଚ୍ଚ ବିବରଣୀ ଉପରେ ଆଲୋଚନା କରାଯାଇଥିଲା। ସେ ସମ୍ପର୍କିତ ଅଭିଯୋଗ ଶୁଣାଣି କରା ଯାଇଥିଲା। ଏହି ଶୁଣାଣୀରେ ନନ୍ଦାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସଦନ ଗଉଡ଼, ଜୋନ ୧ ଜିଲା ପରିଷଦ ସଭ୍ୟ ଦିବ୍ୟଦାନ ସୁନା, ଜୋନ୍- ୨ ସଭ୍ୟ ଅରୁଣ ମିଶ୍ର, ଉପାଧ୍ୟକ୍ଷ ସଦନ ଗୌଡ଼, ଜିଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦୁର୍ଯ୍ୟୋଧନ ଭୋଇ, ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, କମିଟି ମେମ୍ବର ସନ୍ତୋଷ ଷଡ଼ଙ୍ଗୀ, ଶିବଶଙ୍କର ପାଢ଼ୀ, ବୃନ୍ଦାବନ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ଗୋବିନ୍ଦ କୁମାର କହଁର, ଜିପିଓ ସଚ୍ଚିଦାନନ୍ଦ ତ୍ରିପାଠୀ, ସମସ୍ତ କନିଷ୍ଠ ଯନ୍ତ୍ରୀ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ କରୁଥିବା ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଓ ସମସ୍ତ ଗ୍ରାମ ରୋଜଗାର ସେବକ ସହ ୧୧ ଗୋଟି ପଞ୍ଚାୟତରୁଆସିଥିବା ସମସ୍ତ ସରପଞ୍ଚ , ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

ନନ୍ଦାହାଣ୍ଡି ବ୍ଲକରେ ୧୧୬୬୦ ଜବ୍‌କାର୍ଡଧାରୀ ଥିବାବେଳେ ୮୧୪୪ ଜଣ କାମ କରିବା ପାଇଁ ଆବେଦନ କରିଛନ୍ତି। ସମସ୍ତଙ୍କୁ କାମ ଯୋଗେଇ ଦିଆଯାଇଛି। ବ୍ଲକରେ ୧୧୬୬୦ ଜଣ ଲେବର କାର୍ଡଥିବା ଲୋକ ଥିବାବେଳେ ଅଭିଯୋଗ ଶୁଣାଣିକୁ ହାତ ଗଣତି କିଛି ଲୋକ ଆସିଥିଲେ। ଜନ ଶୁଣାଣି ସୂଚନା ଲୋକଙ୍କ ନିକଟକୁ ନ ପହଞ୍ଚିବା କମିଟି ମେମ୍ବରମାନେ କହିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୮ କୋଟି ୬୨ ଲକ୍ଷ ୯୮ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ଅଣକୁଶଳୀ ଶ୍ରମିକଙ୍କ ବାବଦକୁ ୫ କୋଟି ୭୯ ଲକ୍ଷ ୮୯ ହଜାର ଟଙ୍କା, ସାମଗ୍ରୀ ବାବଦକୁ ୨ କୋଟି ୪୪ଲକ୍ଷ ୨୯ ହଜାର ଟଙ୍କା, କର୍ମଚାରୀଙ୍କ ଦରମା ବାବଦକୁ ୩୧ ଲକ୍ଷ ୩ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି । କାର୍ଯ୍ୟ କରି ନିଜ ପ୍ରାପ୍ୟ ନ ପାଇବା, ମେସିନ ସାହାଯ୍ୟରେ କାମ କରା ଯାଉଥିବା, ଆବଶ୍ୟକୀୟ ସ୍ଥାନରେ ଉପଯୁକ୍ତ କାର୍ଯ୍ୟ ନ କରିବା, କାମ ନ କରି ବିଲ ଉଠାଯାଇଥିବା, ଜବ କାର୍ଡ ପାଇଁ ଆବେଦନ କରାଯାଉଥିଲେ ମଧ୍ୟ ଜବ କାର୍ଡ ଦିଆ ଯାଉ ନ ଥିବା ଅଭିଯୋଗ କରାଯାଇଥିଲା। ଜନଶୁଣାଣିରେ କେତେଜଣ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ଥିବାରୁ ସେମାନଙ୍କର କାର୍ଯ୍ୟ ଉପରେ ସନ୍ଦେହ ସୃଷ୍ଟି ହେଉଛି ବୋଲି ବୁଦ୍ଧିଜୀବୀ କହିଛନ୍ତି। ଯେଉଁ ବିଭାଗର ଅଧିକାରୀ ଅନୁପସ୍ଥିତ ଥିଲେ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ଏବଂ ତାହାକୁ ଭିତ୍ତି କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

## ମେଣ୍ଢାଚୋରଙ୍କୁ ଧରି ଚପଲ ମାଳ ପିନ୍ଧାଇଲେ ଗ୍ରାମବାସୀ

ଧୋଡ୍ରା/ଉମରକୋଟ, ୧୦।୮ (ଗଣେଶ ଚନ୍ଦ୍ର ଛତ୍ର/ ସନ୍ତୋଷ ଶତପଥୀ)



ତିନୋଟି ମେଣ୍ଢା ଚୋରଙ୍କୁ ଗ୍ରାମବାସୀ ଉମରକୋଟ ପୋଲିସ ଜିମା ଦେଇଛନ୍ତି। ଘଟଣାରେ ସମ୍ପୃକ୍ତ ୩ଜଣ ଯୁବକଙ୍କୁ ଗ୍ରାମବାସୀ ଚପଲ ମାଳ ପିନ୍ଧାଇଛନ୍ତି। ଏହାର ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ଅଭିଯୁକ୍ତମାନେ ହେଲେ କୋଷାଗୁମଡ଼ା ଥାନା ଅଧୀନ ବଡ଼ଆମଡ଼ା ଗ୍ରାମର ରାମ ହରିଜନ, ଡାବୁଗାଁ ଥାନା ଡଙ୍ଗରୀଗୁଡ଼ା ଗାଁର ଦୁର୍ଜନ ହରିଜନ, ବଡ଼ଆମଡ଼ା ଗ୍ରାମର ଖଗପତି ହରିଜନ।

ସୂଚନାନୁଯାୟୀ ଝରିଗାଁ ବ୍ଲକ ଉମରକୋଟ ଥାନା ଅଧୀନଗୋବରୀ ନୂଆଗୁଡ଼ା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ୫ ମେଣ୍ଢା ଚୋର ପଶିଥିଲେ। ସେମାନେ ହିରଣ ଗଣ୍ଡ ଓ ରଘୁ ଗୌଡ଼ଙ୍କ ଘରୁ ପାଞ୍ଚଟି ମେଣ୍ଢାକୁ ଅଖାରେ ଭର୍ତ୍ତି କରି ଗାଁ ବାହାରେ ଛାଡି ଦୁଇଟି ମେଣ୍ଢାଙ୍କୁ ନେବାକୁ ଆସିଥିଲେ। ଏହିସମୟରେ ମେଣ୍ଢା ବୋବାଳି ଛାଡ଼ିବାରୁ ଘର ଲୋକେ ନିଦରୁ ଉଠିପଡ଼ି ଚୋରମାନଙ୍କୁ କାବୁ କରିଥିଲେ। ଗାଁରେ ହୋ ହୋଲ୍ଲା ଶୁଣି ଗାଁ ବାହାରେ ଥିବା ୨ ଚୋର ଫେରାର ହୋଇ ଯାଇଥିଲେ। ଗ୍ରାମବାସୀ ଅଭିଯୁକ୍ତଙ୍କ ବାଇକ୍ (ଓଡ଼ି-୨୪ବି-୪୪୮) ଓ (ସିଜି-୧୭ସିଏକ୍ସ- ୪୬୬୩) ଅଟକ ରଖିଥିଲେ। ଗୁରୁବାର ସକାଳେ ଖବରପାଇ ଉମରକୋଟ ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦାଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତିନି ଚୋରଙ୍କୁ ଥାନାକୁ ଆଣି ପଚରାଉଚରା କରୁଛନ୍ତି। ମେଣ୍ଢାଗୁଡ଼ିକୁ ମାଲିକଙ୍କ ଜିମାରେ ଛଡ଼ାଯାଇଛି। ଗୋବରୀ ନୂଆଗୁଡା ଗ୍ରାମର ରଘୁନାଥ ଗୌଡ଼ଙ୍କ ଲିଖିତ ଅଭିଯୋଗ ପରେ ଉମରକୋଟ ଥାନାରେ ୨୦୬/୨୩ରେ କେସ ରୁଜୁ କରାଯାଇଛି। ଏଏସ୍‌ଆଇ ସୁଖଦେ ଛାତ୍ରୀୟା ଘଟଣାର ତଦନ୍ତ କରୁଛନ୍ତି।

# ସରିଛି ୬୧୮ ପ୍ରକଳ୍ପ କାମ




ବୈଠକରେ ଅଧିକାରୀ, ବୁଦ୍ଧିଜୀବୀ ଓ ଅନ୍ୟମାନେ।

ନବରଙ୍ଗପୁର, ୧୦।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ବ୍ଲକ ସଭା ଗୃହରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ପଞ୍ଚଦଶ ଅର୍ଥ କମିଶନର ବ୍ଲକସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଛି। ବିଡିଓ ଶିବ ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନୋଡାଲ ଅଧିକାରୀ ତଥା ଡିପିସି ହର୍ଷ ବର୍ଦ୍ଧନ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ଶରତ ଭତରା, ଉପାଧ୍ୟକ୍ଷା ନନ୍ଦିନୀ ସମରଥ, ଖବରଦାତା ସଦାଶିବ ପ୍ରହରାଜ, ମନୋରମା ମାଝି, ନିସୀତା ଦଣ୍ଡସେନା ଓ ଡିଏସଏ ବୈଭସୁତ ଚାଲାଣ ମଞ୍ଚାସୀନ ଥିଲେ। ବିଡିଓ ସମୀକ୍ଷାର ବିବରଣୀ, ଅନୁମୋଦନ ପ୍ରକଳ୍ପ, ଖର୍ଚ୍ଚ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲାରେ ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ବିଭାଗ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା ଖର୍ଚ୍ଚର ବିବରଣୀ ଦେଉ ନ ଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସରେ ୨୦୨୨-୨୩ରେ ୧୫୫୩ ପ୍ରକଳ୍ପ ମଧ୍ୟରୁ ୬୧୮ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ୯୩୫ ପ୍ରକଳ୍ପ ଚାଲୁ ରହିଛି। ସକ୍ରିୟ ଜବକାର୍ଡ଼ ୧୫୫୮୨ ମଧ୍ୟରୁ ୭୫୯୮ ଜବକାର୍ଡ଼ ଧାରୀ ପରିବାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ୪୦ ୫୧୫୮ ଶ୍ରମ ଦିବସ ସୃଷ୍ଟି ହୋଇଛି। ୧୧୫୪ .୩୪ ଲକ୍ଷ ଟଙ୍କା ମୋଟ ବ୍ୟୟ ହୋଇଥିବା ବେଳେ ୩୬୯ ଜଣ ଶ୍ରମିକ ୧୦୦ ଦିନର ପୂର୍ଣ୍ଣ ମଜୁରୀ କାମ କରିଛନ୍ତି ବୋଲି ତଥ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରମିକଙ୍କ ସହ ବ୍ଲକ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଜିଲାପରିଷଦ ସଭ୍ୟ, ସମିତି ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ଦାୟିତ୍ୱ ନେଲେ ନୂତନ ଅତିରିକ୍ତ ଜିଲାପାଳ

ନବରଙ୍ଗପୁର, ୧୦।୮ (ସଦାଶିବ ପ୍ରହରାଜ)



ନବରଙ୍ଗପୁର ନୂତନ ଅତିରିକ୍ତ ଜିଲାପାଳ ଭାବେ ମହେଶ୍ୱର ଚନ୍ଦ୍ର ନାୟକ କାର୍ଯ୍ୟରେ ଯୋଗଦେଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ନୂତନ ଅତିରିକ୍ତ ଜିଲାପାଳ ନାୟକଙ୍କୁ ଡେପୁଟି କଲେକ୍ଟର ନିର୍ମଳ ନାୟକ, ସୁବ୍ରତ ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଡିଆଇପିଆର୍‌ଓ ହଳଧର ନିଆଲ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ସ୍ୱାଗତ କରିଥିଲେ। ନୂତନ ଅତିରିକ୍ତ ଜିଲାପାଳ ସମସ୍ତଙ୍କ ସହ ପରିଚିତ ହେବାସହ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରକାଶ ଯେ ଅତରିକ୍ତ ଜିଲାପାଳ ନାୟକ ପୂର୍ବରୁ ମାଲାକନଗିରି ଜିଲାର ଅତିରିକ୍ତ ଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ। ପୂର୍ବତନ ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ରାୟଗଡ଼ା ବଦଳି କରାଯାଇଛି। ଡେପୁଟି କଲେକ୍ଟର ନିର୍ମଳ ନାୟକ ଅତିରିକ୍ତ ଜିଲାପାଳ ଦାୟିତ୍ୱ ତୁଲାଉଥିଲେ।

## ପୂର୍ବତନ ବିଧାୟକ କୈଳାସ କୁଲେସିକାଙ୍କୁ ବିରୋଧ

କୋରାପୁଟ, ୧୦।୮ (ଅମିତାଭ ବେହେରା)

ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ କଂଗ୍ରେସ ଦଳରୁ ଯାଇ ବିଜେଡିରେ ମିଶିଥିବା କୈଳାସ କୁଲେସିକାଙ୍କୁ ନେଇ ଲକ୍ଷ୍ମୀପୁର ବ୍ଲକ ବିଜେଡି ଯୁବ ସଭାପତି ରଞ୍ଜନ କୁମାର ଖରା ଗୁରୁବାର କୋରାପୁଟ ପ୍ରେସ କ୍ଲବଠାରେ ବର୍ଷିଛନ୍ତି। ଗୁରୁବାର ପ୍ରେସ କ୍ଲବଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଖରା କୈଳାସ କୁଲେଶିକା ଜଣେ ଆମଦାନୀ ନେତା। ସେ କଂଗ୍ରେସ ଛାଡି ବିଜେଡିରେ ମିଶିଛନ୍ତି। ଗତ ପଞ୍ଚାୟତ ନିର୍ବାଚନ ସମୟରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ସମସ୍ତ ୭ଟି ଜିଲା ପରିଷଦ ବିଜେଡି ଦଖଲକୁ ନେବ ବୋଲି କହିଥିଲେ । ଯଦି ସମସ୍ତ ବିଜେଡି ପ୍ରାର୍ଥୀ ବିଜୟୀ ନ ହେବେ ତା ହେଲେ ସେ ରାଜନୀତିରୁ ସନ୍ୟାସ ନେବେ ବୋଲି ପ୍ରକାଶ କରିଥିଲେ । ମାତ୍ର ତାଙ୍କ ଯୋଗୁ ଗତ ପଞ୍ଚାୟତ ନିର୍ବାଚନରେ ଲକ୍ଷୀପୁର ନିର୍ବାଚନ ମଣ୍ଡଳୀର ୭ଟି ଜିଲା ପରିଷଦ ଆସନରୁ କେବଳ ୨ଟିରେ ବିଜେଡି ବିଜୟୀ ହୋଇଥିଲା । ସେତେବେଳ କୁଲେସିକାଙ୍କ ପାଇଁ ଦଳ ପରାଜୟ ବରଣ କରିଥିଲା ବୋଲି ଖରା ଅଭିଯୋଗ କରିଛନ୍ତି। ଏନେଇ କୁଲେସିକାଙ୍କ ମତାମତ ନେବାକୁ ତାଙ୍କ ସହ ଯୋଗାଯୋଗ କରାଯାଇଥିଲା। ମାତ୍ର ତାଙ୍କ ମୋବାଇଲ ଫୋନ ସୁଇଚଅଫ ଥିବାରୁ ପ୍ରତିକ୍ରିୟା ମିଳିପାରିନାହିଁ ।

## ଜାତୀୟ କୃମିନାଶ ଦିବସ ପାଳିତ



କୃମିନାଶ ଦିବସରେ ଅତିଥିଙ୍କୁ ସ୍ୱାଗତ କରାଯାଉଛି ।

ମାଲକାନଗିର, ୧୦।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ସ୍ଥାନୀୟ ଆଇଏମ୍‌ଏସ୍‌ଟି ଇଂଲିଶ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଜାତୀୟ କୃମିନାଶ ଦିବସର ଉଦ୍‌ଘାଟନ ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝିଙ୍କ ଦ୍ୱାରା ହୋଇଯାଇଛି। ଅତିଥିମାନେ କୃମି ଆମ ଶରୀର ପାଇଁ କାହିଁକି କ୍ଷତିକାରକ, ସେ ବିଷୟରେ ସଚେତନ କରାଇବା ସହ କୃମିନାଶକ ବଟିକା କିପରି ଖାଇବା ଉଚିତ ଓ ଏହା ଖାଇଲେ କୃମି କିପରି ନାଶ ହୁଅନ୍ତି ସେ ବିଷୟରେ ଅବଗତ କରାଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ ପିଲାମାନଙ୍କୁ ରାସ୍ତାକଡରେ ଖୋଲାରେ ବିକ୍ରି ହେଉଥିବା ଖାଦ୍ୟ ଦ୍ୱାରା କିପରି କୃମି ମସ୍ତିଷ୍କ, ଯକୃତର କ୍ଷତି ଘଟାଇ ଆମକୁ ରୋଗାକ୍ରାନ୍ତ କରେ ସେ ବିଷୟରେ ସଚେତନ କରିଥିଲେ। ବିଡିଏମ୍ ସସ୍ମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ କୀର୍ତ୍ତନିଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ଭୁଜବଳ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅନୁରାଧା ମହାନ୍ତି, ଶିକ୍ଷା ବିଭାଗ ଆଇଇ କୋର୍ଡିନେଟର ସମରେନ୍ଦ୍ର ମହାପାତ୍ର, ଅଧ୍ୟକ୍ଷ ଆଇ. ଜେବା ସିଂ ପ୍ରମୁଖଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

# ସ୍କୁଲ ପିଲାଙ୍କୁ ନେଇ ସଙ୍ଗୀତ ପ୍ରତିଯୋଗିତା

ଉମରକୋଟ, ୧୦।୮ (ସନ୍ତୋଷ ଶତପଥୀ)




ସ୍ୱାଧୀନତା ଦିବସ ପାଳନ ଅବସରରେ ନବରଙ୍ଗପୁର ଜିଲା ଉମରକୋଟରେ ସ୍କୁଲ ଓ କଲେଜସ୍ତରରେ ବିଭିନ୍ନ ପ୍ରତିଯୋଗିତା କରାଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ହେଲ୍ପ ଲାଇନ' ସଭା ଗୃହରେ ଏକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ 'ହେଲ୍ପ ଲାଇନ' ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ ଓ ବରିଷ୍ଠ ସଦସ୍ୟ ତଥା ପୌର ପରିଷଦ ଉପନଗରପାଳ ସୁଧାଂଶୁ ଦାସ ଅତିଥିଭାବେ ଉପସ୍ଥିତ ଥିଲେ। ଉମରକୋଟ ପୌରାଞ୍ଚଳର ୨୫ ବିଦ୍ୟାଳୟରୁ ୭୬ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉମରକୋଟ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ଅଧାପକ ସମୀର ମହାନ୍ତି, ଏସିଆନ୍ ହାଡୱେର ପରିଚାଳନା ନିର୍ଦ୍ଦେଶିକା ରିତା ବୈରାଗୀ ଓ ଶିକ୍ଷୟିତ୍ରୀ ଦମୟନ୍ତୀ ଗଣ୍ଡ ବିଚାରକ ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାରେ ବରିଷ୍ଠ, କନିଷ୍ଠ ଓ ଉପକନିଷ୍ଠ ବିଭାଗରେ ଯଥାକ୍ରମେ ନିଳପ୍ପୋଳା ପଣ୍ଡା, ଟୁଟୁ ସାନ୍ତା ଓ ଆୟାଜ ରାଜା ପ୍ରଥମ, ସମ୍ରାଟ ସାଗର ଦାସ, ପ୍ରଜ୍ଞା ପଟ୍ଟନାୟକ ଓ ସାଇକୃତି ପଣ୍ଡା ଦ୍ୱିତୀୟ ଏବଂ ସବିତା ଭତ୍ରା, ନୁପୁର ରାୟ ଓ ଅର୍ପିତା ଜେନା ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଜେତାଙ୍କୁ ଉପଖଣ୍ଡସ୍ତରୀୟ ୭୭ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଂସ୍ଥା ପରିଚାଳନା ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ମଲ୍ଲିକ, କ୍ରୀଡା ସଂଯୋଜକ ସଲିମ ରାଠୋର, ସଦସ୍ୟ ରବି ସୁନା ଉପସ୍ଥିତ ଥିଲେ। ସଂସ୍ଥା ସଭାପତି କୃଷ୍ଣ ପ୍ରସାଦ ପଟ୍ଟନାୟକ ଓ ଉପସଭାପତି ଇଂ ଚନ୍ଦନା ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ।

### ଖାତିଗୁଡା ଥାନାରେ ନୂତନ ଆଇଆଇସି

ତେନ୍ତୁଳିଖୁଣ୍ଟି, ୧୦।୮ (ଚିଦାନନ୍ଦ ସାହୁ)



ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ଥାନା ଆଇଆଇସିଭାବେ ମହେଶ ଚନ୍ଦ୍ର ଗୋଲୋରୀ ଦାୟିତ୍ୱ ନେଇଛନ୍ତି। ଆଇ ଆଇ ଦୀପକ ଲେଙ୍କାଙ୍କ ବଦଳି ପରେ ଏହି ପଦବୀ ଖାଲି ଥିଲା। ଆଇନ ଶୃଙ୍ଖଳା ସହ ସଡ଼କ ଦୁର୍ଘଟଣା ହାର କମାଇବା ପାଇଁ ମୋଟର ଓ ବାଇକ ଚାଳକଙ୍କ ଉପରେ ଧ୍ୟାନ ଦିଆଯିବ। ରୋଡ଼ ରୋମିଓ ଙ୍କୁ ସାବଡ଼ ପାଇଁ ଉଦ୍ୟମ କରିବେ ବୋଲି ସେ କହିଛନ୍ତି।

# ନବରଙ୍ଗପୁର ଉପକାରାଗାରକୁ ଜାତୀୟ ସ୍ମାରକୀ ଦାବି

ନବରଙ୍ଗପୁର, ୧୦।୮ (ସଦାଶିବ ପ୍ରହରାଜ)

କ୍ରାନ୍ତି ଦିବସ ଉପଲକ୍ଷେ ଆଦିବାସୀ ଶହୀଦ ସାଂସ୍କୃତିକ ସ୍ମୃତି ସଂସଦ ସଭାପତି ମୁନା ତ୍ରିପାଠୀଙ୍କ ନେତୃତ୍ୱରେ ଶହୀଦ ସଂଗ୍ରାମୀଙ୍କ ଦାୟାଦମାନେ ନବରଙ୍ଗପୁରସ୍ଥିତ ୧୯୪୨ ଭାରତ ଛାଡ଼ ଆନ୍ଦୋଳନର ପୁରାତନ ଭଗ୍ନ ଉପ କାରାଗାରରେ ଏକାଠି ହୋଇଥିଲେ। ଶହୀଦ ସ୍ମୃତି ସଂସଦ ସଭାପତି ତ୍ରିପାଠୀ ଶହୀଦ ମଶାଲ ଜଳାଇଥିଲେ। ସେଠାରୁ ପାରମ୍ପରିକ ବାଦ୍ୟ ବଜାଇ ବିରାଟ ପଟୁଆରରେ ସମସ୍ତେ ବାହାରିଥିଲେ। ପୋଲିସ ବିଭାଗ ରାଷ୍ଟ୍ରୀୟ ସମ୍ମାନ ସହ ଉକ୍ତ ମଶାଲକୁ ଶାସ୍ତ୍ରୀ ଭବନକୁ ଆଣିବାରେ ପୂର୍ଣ୍ଣ ସହଯୋଗ କରିଥିଲେ। ପଟୁଆର ଆସୁଥିବା ସମୟରେ ଜନନାୟକମାନଙ୍କ ପ୍ରତିମୂର୍ତ୍ତିରେ ଉପସ୍ଥିତ ଲୋକେ ମାଲ୍ୟାର୍ପଣ ଅର୍ପଣ କରିଥିଲେ। ଏହି ମଶାଲ ଯାତ୍ରାରେ ଶହୀଦ ସଂଗ୍ରାମୀ ପରିବାରର ଦାୟାଦ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମତି ମଞ୍ଜୁଳା ମାଝି, ପୂର୍ବତନ ବିଧାୟକ ସଦନ ନାୟକ, ବରିଷ୍ଠ ନେତା ସତ୍ୟନାରାୟଣ ତ୍ରିପାଠୀ, ନବରଙ୍ଗପୁର ବିକାଶ ପରିଷଦ ଅଧ୍ୟକ୍ଷ ସିରାଜୁଦ୍ଦିନ ଅହମ୍ମଦ, ଶୁଭମ୍ ଚୌଧୁରୀ, ପୂର୍ବତନ ଉପନଗରପାଳ ସୁବାସ ଚନ୍ଦ୍ର ସୁର, ନନ୍ଦାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ବୃନ୍ଦାବନ ତ୍ରିପାଠୀ, ଆଦିବାସୀ କଂଗ୍ରେସ ଜିଲା ସଭାପତି ଦିଲୀପ ପ୍ରଧାନୀ, ଆଦିବାସୀ କଂଗ୍ରେସ ଏଆଇସିସି ସଭ୍ୟା ହାରାବତୀ ଗଣ୍ଡ, ତେନ୍ତୁଳିଖୁଣ୍ଟି ବ୍ଲକ ସଭାପତି ପ୍ରହ୍ଲାଦ ହିଆଲ, ନବରଙ୍ଗପୁର ବ୍ଲକ କଂଗ୍ରେସ ସଭାପତି ଅବଦୁଲ ଫିରୋଜ୍, ନବରଙ୍ଗପୁର ବିଧାନସଭା ଯୁବ କଂଗ୍ରେସ ସଭାପତି ସୁରଜଲାଲ, ନିର୍ମଳ ଖଣ୍ଡପାନ, ନବରଙ୍ଗପୁର ମଣ୍ଡଳ କଂଗ୍ରେସ ସଭାପତି ନବଜୀବନ ମନ୍ଦାର, ବରିଷ୍ଠ ନେତା ପ୍ରକାଶ ସାମନ୍ତରାୟ, ନବରଙ୍ଗପୁର ନଗର କଂଗ୍ରେସ ସଭାପତି ପ୍ରଦୀପ ସାହୁ, ନର ଭତରା, ସନ୍ନ୍ୟାସୀ ମାଝି, ତୁଳସା ଭତରା, ହରିଜନ ସେଲ, ଜିଲା ସଭାପତି ଅର୍ଜୁନ ସମରଥ ପ୍ରମୁଖ ସାମିଲ ହୋଇଥିଲେ। ଶାସ୍ତ୍ରୀ ଭବନ ପ୍ରାଙ୍ଗଣରେ ଲୋକଙ୍କ ନିମନ୍ତେ ସହିଦ ସଂଗ୍ରାମୀଙ୍କ ଫଟୋ ପ୍ରଦର୍ଶନୀ କରାଯାଇଛି। ଭଗ୍ନ କାରାଗାରକୁ ଜାତୀୟ ସ୍ମାରକୀ କରିବା ପାଇଁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି।



ମଶାଲ ଶୋଭାଯାତ୍ରା ସହର ପରିକ୍ରମା ପାଇଁ ବାହାରୁଛି।

# କୃମିନାଶ ଦିବସରେ ପିଲାଙ୍କୁ ଦିଆଗଲା ଔଷଧ

ଚନ୍ଦାହାଣ୍ଡି/ଝରିଗାଁ/ପାପଡ଼ାହାଣ୍ଡି ୧୦।୮ (ଦିଲୀପ ଦାସ/ କିଶୋର ଚନ୍ଦ୍ର ମଣ୍ଡଳ/ସ୍ୱପ୍ନଜିତ ମଣ୍ଡଳ )



ଓମ୍ କିଡ୍‌ସ ବିଦ୍ୟାଳୟରେ ଜଣେ ଶିଶୁଙ୍କୁ ଡାକ୍ତର କୃମି ଔଷଧ ଖୁଆଉଛନ୍ତି।

ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ଜାତୀୟ କୃମି ନାଶକ ଦିବସ ପାଳନ ହୋଇଛି। ଚନ୍ଦାହାଣ୍ଡିରେ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଘନଶ୍ୟାମ ଗୌଡ଼ଙ୍କ ସଭାପତିତ୍ୱରେ ଏକ କାର୍ଯ୍ୟକ୍ରମ କରାଯାଇଛି। ଜିଲା ଉପମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁକାନ୍ତ ଶତପଥୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଡାକ୍ତର ଦୁର୍ଗା ପ୍ରସାଦ ସ୍ୱାଇଁ, ଜିଲା ଆଶା କୋର୍ଅଡିନେଟର ସୁବାସ ପଣ୍ଡା, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ନୀଳକଣ୍ଠ ଦାଶ, ସିଆର୍‌ସି ବିଶ୍ୱରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ। ସଠିକ ଭାବେ ଖାଦ୍ୟ ପରେ ହିଁ କୃମି ନାଶ ଔଷଧ ସେବନ କରିବାକୁ ଅତିଥିମାନେ ବୁଝାଇଥିଲେ। ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ, ବିଦ୍ୟାଳୟ ସହକାରୀ ଶିକ୍ଷକ ଚନ୍ଦ୍ରଶେଖର କେତକୀ, ତ୍ରିଲୋଚନ ମେହେର, ଦିବ୍ୟପ୍ରଭା କଟିମ, ଭାଗ୍ୟଲକ୍ଷ୍ମୀ ଜଗତ, ଫାର୍ମାସିଷ୍ଟ ରମେଶ ଦାଶ ଉପସ୍ଥିତ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ ସୁଦୀପ୍ତ ରଞ୍ଜନ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିଙ୍କ ଉପସ୍ଥିତିରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ କୃମି ନାଶ ଔଷଧ ସେବନ ପାଇଁ ଦିଆଯାଇଛି। କୁଇଜ ପ୍ରତିଯୋଗିତା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଛନ୍ତି।

ଝରିଗାଁ ବ୍ଲକ ସଦମହକୁମାସ୍ଥିତ ସରକାରୀ ନୋଡାଲ ହାଇସ୍କୁଲରେ ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଛି। ଏହି ଅବସରରେ ଏଡିପିଏଚ୍‌ଓ (ଲେପ୍ରସି) ଡାକ୍ତର ସୁକାନ୍ତ ଚନ୍ଦ୍ର ଶତପଥୀ, ଏମ୍‌ସିପି ସଂଗ୍ରାମ ପଣ୍ଡା, ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ପ୍ରକାଶଚନ୍ଦ୍ର ନାୟକ, ବିପିମ୍ ପ୍ରିୟଙ୍କା ସିଲ୍, ପିଏଚ୍‌ଓ ଗୋପାଳ କୃଷ୍ଣ ପାଢ଼ୀ ଉପସ୍ଥିତ ଥିଲେ। ଝରିଗାଁ ବ୍ଲକରେ ୩୪ ସବସେଣ୍ଟର୍, ୨୯୩ ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ୨୪୯ ସ୍କୁଲରେ ୫୧ ହଜାରରୁଅଧିକ ୧ରୁ ୧୯ ବର୍ଷପର୍ଯ୍ୟନ୍ତ ଶିଶୁ ଓ କିଶୋର କିଶୋରୀମାନଙ୍କୁ କୃମି ନାଶକ ଔଷଧ ଦିଆଯାଇଛି।

ପାପଡାହାଣ୍ଡି ବ୍ଲକ ସଦରସ୍ଥିତ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ କୃମି ନାଶନ ଦିବସର ପାଳିତ ହୋଇଛି। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି, ବିଡିଓ ଦିବାକର ବାଗ, ଜିପିଇଓ ଅକ୍ଷୟ ପଟ୍ଟନାୟକ, ଏବିଇଓ ବାଳକ ଦାସ ରନ୍ଧାରୀ, ସିଡିପିଓ ଏସ୍.ଗୀତା ପ୍ରମୁଖ ଅତଥିଭାବେ ଉପସ୍ଥିତ ଥିଲେ। ବିପିଏମ ଶୁଭ୍ରାଞ୍ଜନ ପଟ୍ଟନାୟକ ଔଷଧ ସେବନ ଉପରେ ଗୁରୁତ୍ୱ ଦେଇଥିଲେ। ୪୭ ଛାତ୍ରୀଛାତ୍ର କୃମି ନାଶକ ଔଷଧ ଖାଇଥିଲେ। କାର୍ଯ୍ୟକ୍ରମକୁ ପିଏଚ୍‌ଇଓ ପ୍ରତାପ ମହାନ୍ତି, ବିଏମ୍ ସନ୍ତୋଷ ସାହୁ, ବିଡିଏମ୍ ଗୁପ୍ତ ସାହୁ, ଡିଇଓ ସନ୍ତୋଷ ପଟ୍ଟନାୟକ ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟକର୍ମୀ କୃଷ୍ଣା ସାମଲ, ପ୍ରଧାନ ଶିକ୍ଷୟିତ୍ରୀ କନକ ଲତା ପାତ୍ର, ଅଙ୍ଗନୱାଡି କର୍ମୀ ଲଳିତା ମାଝି, ଆଶାକର୍ମୀ କୌଶଲ୍ୟା ସତନାମୀଙ୍କ ତତ୍ତ୍ୱାବଧାନରେ ପିଲାମାନଙ୍କୁ କୃମି ନାଶକ ବଟିକା ଖୁଆଯାଇଥିଲା।

# ଅନୁପ୍ରବେଶକାରୀଙ୍କୁ ନେଇ ବଢୁଛି ବିପଦ

ରାୟଗଡ଼ା,୧୦।୮ (ଆଶିଷ ରଞ୍ଜନ ପଣ୍ଡା)

- ପୋଲିସ ନିକଟରେ ସୂଚନା ନାହିଁ
- ତଥ୍ୟ ଦେଉନାହାନ୍ତି ହୋଟେଲ, ଘର ମାଲିକ

ରାୟଗଡ଼ା ଜିଲାରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଅନୁପ୍ରବେଶକାରୀଙ୍କ ପେଣ୍ଠସ୍ଥଳୀ ପାଲଟିଛି ଜିଲାର ସଦର ମହକୁମା, ମୁନିଗୁଡ଼ା ଏବଂ କୋଲନରା ବ୍ଲକ୍। କେବଳ ବାଂଲାଦେଶୀ ନୁହେଁ ବରଂ ନେପାଳ ଓ ମ୍ୟାନ୍‌ମାରରୁ ମଧ୍ୟ ଆସି ବେଆଇନ ଭାବେ ଜିଲାର ବିଭିନ୍ନ ସ୍ଥାନରେ ରହି ବ୍ୟବସାୟ କରୁଛନ୍ତି । ଏପରିକି ବିଦେଶୀ ପର୍ଯ୍ୟଟକ ଜିଲାର ବିଭିନ୍ନ ସ୍ଥାନକୁ ଆସି ରହୁଥିବାବେଳେ ଗୋଟିଏ ବା ଦୁଇଟି ହୋଟେଲକୁ ଛାଡ଼ି ଦେଲେ ଅନ୍ୟମାନେ ନିୟମାବଳୀ ଅନୁସାରେ ଲୋକାଲ ଥାନା କିମ୍ବା ଡିଆଇବିକୁ ସୂଚନା ଦେଉନାହାନ୍ତି। ସେହିପରି ବିଦେଶୀମାନେ ଘର ଭଡ଼ା ନେଇ ରହୁଥିବାବେଳେ ଘର ମାଲିକମାନେ ମଧ୍ୟ ପୋଲିସ ନିକଟରେ ତଥ୍ୟ ଦାଖଲ କରୁନାହାନ୍ତି। ଯାହା ପରବର୍ତ୍ତୀ ସମୟରେ ପୋଲିସ ପାଇଁ ଚିନ୍ତାର କାରଣ ପାଲଟୁଛି। ଅପରପକ୍ଷେ ରାୟଗଡ଼ା ମାଓବାଦୀପ୍ରବଣ ଅଞ୍ଚଳ ହୋଇଥିବାବେଳେ ଜିଲାରେ ଏନେଇ କଟକଣା କଡ଼ାକଡ଼ି ହୋଇ ନ ଥିବା ପରିଲକ୍ଷିତ ହୋଇଛି । ଏବେ କିଛି ମାସ ହେଲା ମାଓବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଥିବାବେଳେ ଏହି ବିଦେଶୀମାନେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି ବିପଦ ସାଜିପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି।

ଜିଲାପାଳଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, କୋଲନରା ବ୍ଲକ ଥେରୁବାଲିଠାରେ ପ୍ରାୟ ୬୯ ପରିବାରରେ ୩୦୪ ଜଣ ବାଂଲାଦେଶୀ ରହୁଛନ୍ତି । ସେଥିରେ ମହିଳା ୮୩, ପୁରୁଷ ୯୧ ଏବଂ ସର୍ବାଧିକ ୧୩୦ ଶିଶୁ ଥିବା ଜଣାପଡ଼ିଛି । ଏମାନେ ଦୀର୍ଘବର୍ଷ ହେଲାଣି ଥେରୁବାଲିସ୍ଥିତ ଡିପି କ୍ୟାମ୍ପରେ ରହିଆସୁଛନ୍ତି । ହେଲେ ବାଂଲାଦେଶୀଙ୍କୁ ଛାଡ଼ି ଦେଲେ ଅନ୍ୟ ଅନୁପ୍ରବେଶକାରୀଙ୍କ ତଥ୍ୟ ପୋଲିସ ନିକଟରେ ନାହିଁ। ରାୟଗଡ଼ା ସଦର ମହକୁମାଠାରୁ ଆରମ୍ଭ କରି ଜିଲାର ବିଭିନ୍ନ ଖଣି ଅଞ୍ଚଳରେ ବାଂଲାଦେଶ, ମ୍ୟାନ୍‌ମାର ଆଦି ଦେଶରୁ ବହୁ ଅନୁପ୍ରବେଶକାରୀ ଆସି ବିଭିନ୍ନ ଛୋଟ ବଡ଼ ମାର୍ବଲ କମ୍ପାନୀ, ମିସ୍ତ୍ରି କାମ, ଗ୍ୟାରେଜରେ ଆଦି କାମ କରୁଛନ୍ତି । ଦିନରେ କାମ କରିବା ପରେ ରାତିରେ ଭଡ଼ା ନେଇଥିବା ଘରେ ବେଆଇନ ଭାବେ ରହୁଛନ୍ତି । ନେପାଳରୁ ଆସିଥିବା ଲୋକଙ୍କୁ ପଚାରିଲେ ଶରୀର ଗଠନ ଓ ଚେହେରା ମିଶୁଥିବା ଯୋଗୁ ନିଜକୁ ମଣିପୁର, ଆସାମ ଏବଂ ରୋହିଙ୍ଗ୍ୟା ନିଜକୁ ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରୁ ଆସିଥିବା କହୁଛନ୍ତି । ଜିଲା ପ୍ରଶାସନ ନିକଟରେ ୨୦୨୨ ତଥ୍ୟ ଅନୁସାରେ ୩୦୪ଜଣ ବାଂଲାଦେଶୀ ରହୁଥିବା ଖବର ଅଛି । ଜିଲାପାଳଙ୍କ କାର୍ଯ୍ୟାଳୟର ଜୁଲାଇ ୨୦୨୨ ମସିହାର ଚିଠି ନଂ. ୧୧୨୦ ପରେ ପ୍ରଶାସନ ନିକଟର ଆଉ ପରବର୍ତ୍ତୀ ତଥ୍ୟ ନାହିଁ । ତେବେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ନିୟମକୁ କଡ଼ାକଡ଼ି କରାଯାଇ ତଦନ୍ତ କରାଗଲେ ଜିଲାରେ ରହୁଥିବା ଏଭଳି ବେଆଇନ ଅନୁପ୍ରବେଶକାରୀଙ୍କ ତଥ୍ୟ ମିଳିପାରିବ ବୋଲି କୁହାଯାଉଛି। ଏ ନେଇ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ପଚାରିବାରୁ ସେମିତି ଅନୁପ୍ରବେଶକାରୀ ଆସିଥିବା ପୋଲିସ ନଜରକୁ ଆସିନାହିଁ । ଏହାର ତଦନ୍ତ କରାଯିବ ବୋଲି ଏସପି ଶର୍ମା କହିଛନ୍ତି ।

## ସଂକ୍ଷେପରେ

### ଗଞ୍ଜେଇ ଚୋରା ଚାଲାଣ, ଷ୍ଟେଶନରୁ ଜଣେ ଗିରଫ



ରାୟଗଡ଼ା,୧୦।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ରେଳ ଷ୍ଟେଶନରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଜଣେ ଯୁବକଙ୍କୁ ଆର୍‌ପିଏଫ୍ ପୋଲିସ ଗିରଫ କରିଛି। ସେ ହେଲେ ହରିୟାଣାର ପାନିପତ ଜିଲାର ବିନୋଦ। ତାଙ୍କ ନିକଟରୁ ପୋଲିସ ୪ କିଲୋ ଗଞ୍ଜେଇ ଜବତ କରିଛି । ଏହାର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି । ଗୁରୁବାର ପ୍ରାୟ ୧୨ ଟା ୩୦ ମିନିଟ୍‌ରେ ଆର୍‌ପିଏଫ୍ ସ୍ପେଶାଲ ବ୍ରାଞ୍ଚ ଓ ଡଗ୍ ସ୍କ୍ୱାଡ୍ ବୁଲୁଥିବା ବେଳେ ୩ ନଂ. ପ୍ଲାଟ୍‌ଫର୍ମରେ ଜଣେ ବ୍ୟକ୍ତି ସନ୍ଦେହଜନକ ଅବସ୍ଥାରେ ବୁଲୁଥିଲେ । ଫଳରେ ଟିମ୍ ତାଙ୍କୁ ଅଟକାଇ ପଚରାଉଚୁରା କରିବା ବେଳେ ତାଙ୍କ ନିକଟରୁ ୪ କିଲୋ ଗଞ୍ଜେଇ ଜବତ ହୋଇଥିଲା । ସେ ଜିଲାର କୌଣସି ଏକ ଗ୍ରାମରୁ ଏହି ଗଞ୍ଜେଇ କିଣି ନିଜାମୁଦ୍ଦିନ ନେଇ ଯାଉଥିବା କହିଛନ୍ତି। ଆର୍‌ପିଏଫ୍ ଗିରଫ ଯୁବକ ଓ ଜବତ ଗଞ୍ଜେଇକୁ ଜିଲା ଅବକାରୀ ବିଭାଗକୁ ହସ୍ତାନ୍ତର କରିଛି । ଅବକାରୀ ବିଭାଗ ଏ ନେଇ ୭୩/୨୩ରେ ମାମଲା ରୁଜୁ କରିଥିବା ସୂଚନା ମିଳିଛି ।

### ଏଟିଏମ୍ କାର୍ଡ ଚୋରି, ୮ ହଜାର ଲୁଟ୍

ଗୁଡ଼ାରି,୧୦।୮ (ପ୍ରମୋଦ କୁମାର ପତି)

ଗୁଡ଼ାରି ଏସ୍‌ବିଆଇ ଏଟିଏମ୍‌ରୁ ଗୁରୁବାର ସର୍ଗିଗୁଡ଼ା ଗ୍ରାମର ଯୁବତୀ ମିଲି ପାଲକା ଟଙ୍କା ଉଠାଇବାକୁ ଯାଇଥିଲେ। ମିଲି ଘରେ ପହଞ୍ଚିବା ପରେ ତାଙ୍କ ଆକାଉଣ୍ଟରୁ ୮ ହଜାର ଟଙ୍କା ଉଠାଯାଇଥିବା ମୋବାଇଲକୁ ମେସେଜ ଆସିଥିବା ଦେଖିଥିଲେ। ତାଙ୍କ ଏଟିଏମ୍ କାର୍ଡ ଚୋରିକରି ପଦ୍ମପୁର ଏଟିଏମ୍‌ରୁ କେହି ଟଙ୍କା ଉଠାଇ ନେଇଛନ୍ତି। ଏ ସମ୍ପର୍କରେ ସେ ଗୁଡ଼ାରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ପରେ ସେ ଏସ୍‌ବିଆଇ ଶାଖା ପରିଚାଳକଙ୍କ ପାଖକୁ ଯାଇ ଏଟିଏମ୍ କାର୍ଡକୁ ବ୍ଲକ କରିଥିବା କହିଛନ୍ତି।

### ପ୍ରମାଣପତ୍ର ସହ ଜଳିଗଲା ବାଇକ୍

ଭଞ୍ଜନଗର, ୧୦।୮ (ବାବୁଲା ପ୍ରଧାନ):

ବେଲଗୁଣ୍ଠା ଥାନା ଅନ୍ତର୍ଗତ କଲ୍ୟାଣପୁର ଗ୍ରାମରେ ବୁଧବାର ରାତିରେ ବରୁଣ ଗୌଡଙ୍କ ବାଇକଟିକୁ କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଜାଳି ଦେଇଛନ୍ତି। ଶବ୍ଦ ହେବାରୁ ପରିବାର ଲୋକେ ଉଠି ଦେଖିବା ବେଳକୁ ବାଇକଟି ୫୦ ପ୍ରତିଶତ ଜଳିଯାଇଥିଲା। ଏହାପରେ ପାଣି ପକାଇ ଲିଭାଇବା ପାଇଁ ଚେଷ୍ଟା କରାଯାଇଥିଲା। କିନ୍ତୁ ଗାଡିଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ବାଇକରେ ଥିବା ବରୁଣଙ୍କ ବିଭିନ୍ନ ପ୍ରମାଣପତ୍ର ଗୁଡିକ ମଧ୍ୟ ଜଳିଯାଇଛି। ଏନେଇ ବରୁଣ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।

# ମିଶନ ଶକ୍ତି ଗୃହ ଉଦ୍‌ଘାଟିତ



ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମିଶନ ଶକ୍ତି କୃହ ଉଦ୍‌ଘାଟନ କରୁଛନ୍ତି ।

ରାୟଗଡା, ୧୦।୮ (ଭାଗ୍ୟଶ୍ରୀ ମିଶ୍ର )

ରାୟଗଡ଼ା ସହରସ୍ଥିତ ସିଆର୍‌ପିଏଫ୍ ୪ର୍ଥ ବାଟାଲିୟନ ନିକଟରେ ୫୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ମିଶନ ଶକ୍ତି ଗୃହ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମୀନାରାୟଣ ସାବତ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ଅବସରରେ ଅନସୂୟା ମାଝି କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାଙ୍କୁ ସଶକ୍ତୀକରଣ ନିମନ୍ତେ ପ୍ରୟାସ କରୁଛନ୍ତି। ଏହି କ୍ରମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ବିଭିନ୍ନ ସମୟରେ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି । ସମ୍ପ୍ରତି ଏହି ମିଶନ ଶକ୍ତି ଗୃହ ଜରିଆରେ ସ୍ଥାନୀୟ ଅଞ୍ଚଳର ଏସ୍‌ଏଚ୍‌ଜି ଗୋଷ୍ଠୀ ମହିଳାମାନେ ଏକତ୍ରିତ ହୋଇ ଅଞ୍ଚଳର ବିଭିନ୍ନ ସମସ୍ୟା ତଥା ଆଗାମୀ ଦିନରେ ସେମାନଙ୍କ କାର୍ଯ୍ୟପନ୍ଥା ସଂକ୍ରାନ୍ତରେ ବୈଠକ କରି ଗଠନମୂଳକ ନିଷ୍ପତ୍ତି ନେଇପାରିବେ ବୋଲି ଅଧ୍ୟକ୍ଷା ମାଝୀ କହିଛନ୍ତି ।

# ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଲେ ଶିକ୍ଷକ



ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବହୁଭାଷୀ ଶିକ୍ଷକମାନେ ଆନ୍ଦୋଳନ କରୁଛନ୍ତି ।

ରାୟଗଡା,୧୦।୮ (ଭାଗ୍ୟଶ୍ରୀ ମିଶ୍ର)

- ଚାକିରି ନିୟମିତ ପ୍ରକ୍ରିୟାରେ ବିଳମ୍ବ
- ନିୟମିତ ନ କଲେ ବାଧହୋଇ ଦାଦନ ଯିବୁ

ଚାକିରି ନିୟମିତ କରିବା ଦାବି ନେଇ ବହୁଭାଷୀ ଶିକ୍ଷା ସହାୟକ ସଂଘ ପକ୍ଷରୁ କନିଷ୍ଠ ଶିକ୍ଷକମାନେ ଗୁରୁବାର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଆଦିବାସୀ ବହୁଳ ଅଞ୍ଚଳରେ ଜିଲାରେ ଶିକ୍ଷାର ବିକାଶ କାର୍ଯ୍ୟରେ କାମ କରୁଥିଲେ ମଧ୍ୟ ଚାକିରିରେ ନିୟମିତ କରାଯାଉ ନାହିଁ । ବାରମ୍ବାର ଦାବି ସତ୍ତ୍ୱେ କେହି ଶୁଣୁ ନ ଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ଜିଲା ଶିକ୍ଷା ଅଧିକାରୀ ଏଥିପ୍ରତି ତୁରନ୍ତ ଧ୍ୟାନ ନ ଦେଲେ ସବୁ ଶିକ୍ଷକ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବୁ ବୋଲି କହିଛନ୍ତି। ଆମର ଦାବି ପୂରଣ କରାଯାଉ ନାହିଁ କି ଚାକିରିରେ ନିୟମିତ କରାଯାଉ ନାହିଁ। ତେଣୁ ବାଧ ହୋଇ ଚାକିରି ଛାଡି ବାହାର ରାଜ୍ୟ ଯାଇ ଦାଦନ ଖଟିବୁ ବୋଲି କିଛି ଶିକ୍ଷକ ଚେତାବନୀ ଦେଇଛନ୍ତି। ପ୍ରାୟ ୨୦୦ରୁ ଅଧିକ କନିଷ୍ଠ ଶିକ୍ଷକ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପଚାରିବାରୁ ପ୍ରଥମେ ଜିଲାପାଳଙ୍କୁ ଯୋଗାଯୋଗ କରନ୍ତୁ ଏହା ପରେ ଆମେ ଯାହା କରିବୁ ବୋଲି ସେ କହିଛନ୍ତି।

ରାଜ୍ୟ ସରକାର ତା୨୬।୦୬।୨୦୧୮ ରୁ ବହୁଭାଷୀ ଶିକ୍ଷକଙ୍କୁ ରେଗୁଲାର ପାଇଁ ଘୋଷଣା କରିଛନ୍ତି। ହେଲେ ରାଜ୍ୟର ୧୭ଟି ଜିଲାରେ ବହୁଭାଷୀ ଶିକ୍ଷକ ରେଗୁଲାର ହୋଇଥିବା ବେଳେ ରାୟଗଡ଼ା ଜିଲା ଶିକ୍ଷା ଅଧିକାରୀ କୌଣସି ଗୁରୁତ୍ୱ ଦେଉନାହାନ୍ତି ଜିଲାରେ ଗତ ୧୦ ବର୍ଷ ହେଲା କନିଷ୍ଠ ଶିକ୍ଷକ ଭାବେ କାମ କରି ଓଟିଇଟି, ସିଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ରେଗୁଲାର କରାଯାଉ ନାହିଁ। ଏ ନେଇ ଗତ ମାସ ୧୪ ତାରିଖରେ ଜିଲାସ୍ତରରେ ଶିକ୍ଷା ବିଭାଗର ଏକ ବୈଠକ ବସିଥିଲା। ଖୁବ୍‌ଶୀଘ୍ର ଶିକ୍ଷକଙ୍କୁ ନିୟମିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ସେମାନେ ଏବେ ୧୩ହଜାର ଟଙ୍କା ବେତନ ପାଉଛନ୍ତି, ରେଗୁଲାର ହେଲେ ୨୫ହଜାରରୁ ଉର୍ଦ୍ଧ୍ୱ ଟଙ୍କା ପାଇବେ ବୋଲି ଜଣାପଡିଛି । ଜିଲାରେ ସମସ୍ତ ବହୁଭାଷୀ ଶିକ୍ଷକ ଆବଶ୍ୟକ କାଗଜପତ୍ର ଦେଇଥିଲେ ସୁଦ୍ଧା ତଦନ୍ତ ପ୍ରକ୍ରିୟା ଫାଇଲ ଆଗକୁ ବଢୁନାହିଁ ବୋଲି ଶିକ୍ଷକମାନେ କହିଛନ୍ତି। ଆନ୍ଦୋଳନ ସମୟରେ ସଂଘର ସଭାପତି ଗଙ୍ଗାରାଓ ନାଚିକା, ସମ୍ପାଦକ ନୀଳାମ୍ବର କୁମ୍ଭକାଙ୍କ ସମେତ ଶତାଧିକ ବହୁଭାଷୀ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ମୁଖତଃ କୁଇ ଏବଂ ସୌରା ଭାଷାର ଶିକ୍ଷକ ଏଥିରେ ରହିଥିବା ଜଣାପଡିଛି ।

## ଲକ୍ଷାଧିକ ଟଙ୍କା ନେଇ ୨ ଫାଇନାନ୍ସ କର୍ମଚାରୀ ଚମ୍ପଟ

ବାଲିଗୁଡା,୧୦।୮ (ସଞ୍ଜୟ କୁମାର ପାଣିଗ୍ରାହୀ):

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ଥାନା ବିଦ୍ୟୁତ କାର୍ଯ୍ୟାଳୟ ନିକଟରେ ଭାରତ ଫାଇନାନ୍ସ ଇନକ୍ଲୁଜନ ଲିମିଟେଡ଼ର ୨ ଜଣ କର୍ମଚାରୀ ସ୍ଥାନୀୟ ଅଞ୍ଚଳରୁ କିସ୍ତି ବାବଦକୁ ୨ ଲକ୍ଷ ୯୦ ହଜାର ୩୫ ଟଙ୍କା ଆଦାୟ କରି କେଉଁଆଡ଼େ ଚମ୍ପଟ ମାରିଥିବା ସଂସ୍ଥାର ଶାଖା ପରିଚାଳକଙ୍କ ପକ୍ଷରୁ ଅଭିଯୋଗ ହୋଇଛି। କର୍ମଚାରୀ ଦ୍ୱୟ ହେଲେ ଗଞ୍ଜାମର ଦିବାକର ରାଉତ ଓ ରାୟଗଡ଼ାର ଜଗନ୍ନାଥ ବେହେରା। ସଂସ୍ଥାର ଶାଖା ପରିଚାଳକ ନୟାଗଡ଼ ଜିଲା ଶରଣକୁଳ ଗ୍ରାମର ଋଷିକେଶ ରାଉତ ଏନେଇ ଟିକାବାଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେଶ ନଂ. ୧୧୧/୨୩ ରେ ରୁଜୁ କରି ତଦନ୍ତ ଚଲାଇଥିବା ବିଷୟ ଥାନା ଅଧିକାରୀ କଲ୍ୟାଣୀମୟୀ ଷେଣ୍ଢ ସୂଚନା ଦେଇଛନ୍ତି।

## ଜଳିଗଲା କୁକୁଡ଼ା ଫାର୍ମ

ବୁଗୁଡ଼ା,୧୦।୮ (କାଳିଚରଣ ଦାଶ ):

ବୁଗୁଡ଼ା ଥାନା ତଥା ସଂକୁରୁ ପଞ୍ଚାୟତ ଅନ୍ତର୍ଗତ ଘୋଳପୁର ଗ୍ରାମରେ ଏକ କୁକୁଡ଼ା ଫାର୍ମରେ ଅଗ୍ନିକାଣ୍ଡ ଘଟିଥିବା ବେଳେ କୁକୁଡ଼ା ଚିଆଁ ବର୍ତ୍ତି ଯାଇଥିବା ଜଣାପଡିଛି। ଗୁରୁବାର ଅପରାହ୍ନ ସାଢେ ୪ଟା ସମୟରେ ଘୋଳପୁର ଗ୍ରାମର ମୁରଲୀ ଜେନାଙ୍କ କୁକୁଡ଼ା ଫାର୍ମରେ ଅଗ୍ନିକାଣ୍ଡ ଘଟିଥିବା ଖବର ପାଇ ବୁଗୁଡ଼ା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ୭ ବର୍ଷ ବିତିଲାଣି, ସରୁନି ହଷ୍ଟେଲ ନିର୍ମାଣ କାମ

ରାୟଗଡ଼ା,୧୦।୮ (ଆଶିଷ ରଞ୍ଜନ ପଣ୍ଡା)

- ମନ୍ତ୍ରୀଙ୍କ ଜିଲାରେ ଏଭଳି ଅବ୍ୟବସ୍ଥା
- ଠିକା ସଂସ୍ଥା ବିରୋଧରେ ଏତଲା

ରାୟଗଡ଼ା ଜିଲାରେ ୧୨୦ ଶଯ୍ୟା ବିଶିଷ୍ଟ ୨୩ ଟି ହଷ୍ଟଲ ନିର୍ମାଣ ଚାଲିଛି। ନିର୍ମାଣ କାର୍ଯ୍ୟ ଅବଧି ୩ ବର୍ଷ ରହିଥିବାବେଳେ ଆଜକୁ ୭ ବର୍ଷ ବିତିଲାଣି ହେଲେ କାମ ସରୁନାହିଁ । ୨୩ରୁ ମାତ୍ର ଗୋଟିଏ ହଷ୍ଟେଲ ନିର୍ମାଣ କାମ ସରିଛି। ଫଳରେ ଅନୁସୂଚିତ ଜନଜାତି ଓ ଜାତି ବର୍ଗ ଛାତ୍ରୀଛାତ୍ରଙ୍କୁ ହଷ୍ଟେଲରେ ରହି ପାଠପଢ଼ିବା ଯୋଜନା ବିଫଳ ହୋଇଛି । ଖୋଦ ଅନୁସୂଚିତ ଜନଜାତି ଓ ଜାତି ତଥା ଆଇନ ମନ୍ତ୍ରୀଙ୍କ ନିଜ ଜିଲାରେ ଯଦି ହଷ୍ଟେଲ କାମ ସରୁନି ତେବେ ରାଜ୍ୟର ଅନ୍ୟ ଜିଲାରେ କିଭଳି ଅବସ୍ଥା ରହିଥିବା ତାହା ସହଜେ ଅନୁମେୟ। ଏହି କାମ ନେଇଥିବା ଠିକା ସଂସ୍ଥାକୁ ତାଗିଦ କଲେ ମଧ୍ୟ ସେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରୁନାହିଁ। ତେଣୁ ଉକ୍ତ ଠିକା ସଂସ୍ଥା ଏଚ୍‌ଏସ୍‌ସିଏଲ୍ ବିରୋଧରେ ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥୀ ଥାନାରେ ଏତଲା ଦେଇଛନ୍ତି। ରାଜ୍ୟ ଅନୁସୂଚିତ ଜନଜାତି ଓ ଜାତି ବିଭାଗ ନିର୍ଦ୍ଦେଶରେ ଏହି ଏତଲା ଦିଆଯାଇଥିବା ଜଣାପଡ଼ିଛି । ଜିଲା ମଙ୍ଗଳ ବିଭାଗରୁ ଲିଖିତ ଅଭିଯୋଗ ପାଇବା ପରେ ରାୟଗଡ଼ା ଟାଉନ ଥାନାରେ ଏ ନେଇ ୨୪୧/୨୩ରେ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ୨୦୧୬-୧୭ ରେ ପ୍ରାୟ ୪ ଶହ କୋଟି ଟଙ୍କା ବ୍ୟୟରେ ଜିଲାରେ ୧୨୦ ଶଯ୍ୟା ବିଶିଷ୍ଟ ୨୩ଟି ହଷ୍ଟେଲ ନିର୍ମାଣ ପାଇଁ ଅନୁମୋଦନ ମିଳିଥିଲା । ଏହି କାମ ଏଚ୍‌ଏସ୍‌ସିଏଲ୍ ନାମକ ଏକ ଠିକା ସଂସ୍ଥା ନେଇଛି। ଠିକା ସଂସ୍ଥା ଦ୍ୱାରା ନିର୍ମାଣ କାର୍ଯ୍ୟ ଶୀଘ୍ର ହେବ ଏବଂ ଛାତ୍ରୀଛାତ୍ର ସୁବିଧା ପାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଠିକା ସଂସ୍ଥାକୁ ଏହି କାମ ଦେଇଥିଲେ । ହେଲେ ଏହା କେବଳ ସ୍ୱପ୍ନ ହୋଇ ରହିଯାଇଛି । ଗୋଟିଏ ଲଖାଏଁ ହଷ୍ଟେଲ ପାଇଁ ପ୍ରାୟ ୨୦ରୁ ୩୦ କୋଟି ଟଙ୍କା ବ୍ୟୟବରାଦ ବ୍ୟବସ୍ଥାରେ ଯୋଜନା କରାଯାଇଥିଲା । ହଷ୍ଟେଲ କାମ ସରୁ ନ ଥିବାରୁ ଛାତ୍ରୀଛାତ୍ର ହଷ୍ଟେଲରେ ରହି ପାଠ ପଢ଼ିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୋଲିସ ପକ୍ଷରୁ ଠିକା ସଂସ୍ଥାକୁ ମଧ୍ୟ ଥାନାରେ ହାଜର ପାଇଁ ଖବର ଦିଆଯାଇଥିବା ଜଣାପଡ଼ିଛି। ତେବେ ଏହି ଠିକା ସଂସ୍ଥାକୁ କେଉଁ ଆଧାରରେ ହଷ୍ଟେଲ ନିର୍ମାଣ କାର୍ଯ୍ୟ ଦିଆଯାଇଥିଲା ଏବଂ ଏହା କାହିଁକି ସମ୍ପୂର୍ଣ୍ଣ ହେଉନାହିଁ ତାହା ତଦନ୍ତ ସାପେକ୍ଷ ।

# ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ଛତ୍ରପୁର,୧୦।୮ (ସନ୍ତୋଷ ପାଢ଼ୀ):

ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଜଣେ ଅଭିଯୁକ୍ତଙ୍କୁ କୋର୍ଟ ୧୦ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଅଭିଯୁକ୍ତଜଣଙ୍କ ହେଲେ ଆଶିଷ କୁମାର। ଛତ୍ରପୁର ଏଡିଜେ ମନୋରଞ୍ଜନ ଦାଶ ମାମଲାର ଶୁଣାଣି କରି ଏହି ରାୟ ଶୁଣାଇଛନ୍ତି। ଆଶିଷଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ସହ ୧ ଲକ୍ଷ ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅତିରିକ୍ତ ଏକ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିର୍ଦ୍ଦେଶନାମା ରହିଛି। ସରକାରଙ୍କ ପକ୍ଷରୁ ଅତିରିକ୍ତ ସ୍ପେସିଆଲ ପିପି ଡମିନାଥ ସାହୁ ମାମଲା ପରିଚାଳନା କରୁଥିଲେ। ସୂଚାଯୋଗ୍ୟ ୨୦୧୯ ଜୁଲାଇ ୨୧ରେ ଆଶିଷ ଏକ କାର୍‌ରେ ୪୫ କେଜି ଗଞ୍ଜେଇ ବେଆଇନ ଭାବେ ଚାଲାଣ କରୁଥିବାବେଳେ ଖଣ୍ଡରା ଛକ ଠାରେ ହିଞ୍ଜିଳି ଥାନା ପୋଲିସ ତାଙ୍କୁ ଧରିଥିଲା।

# ଶିଶୁକନ୍ୟା ଚିକିତ୍ସାରେ ଅର୍ଥ ବାଧକ

ଟିକିରି,୧୦।୮ (ପ୍ରଫୁଲ୍ଲ କୁମାର ବେହେରା)



କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତର ବଦଲିଝରଣ ଗ୍ରାମର କୁନ୍ତି ନାଏକଙ୍କ ୬ ବର୍ଷର ଝିଅ ସାକ୍ଷି ନାଏକ ନା କଥା କହି ପାରୁଛି ନା ଶୁଣି ପାରୁଛି। ଜନ୍ମରୁ ସେ ଠିକ୍ ଥିବାବେଳେ ବୟସ ବୃଦ୍ଧି ସହିତ ଧିରେ ଧିରେ ସେ ବାକ୍‌ଶକ୍ତି ଏବଂ ଶ୍ରବଣ ଶକ୍ତି ହରାଇଛନ୍ତି। ଆର୍ଥିକ ଅଭାବ ସତ୍ତ୍ୱେ ଝିଅର ଚିକିତ୍ସା ପାଇଁ ସେ କୋରାପୁଟ ଓ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ମଧ୍ୟ କିଛି ସୁଫଳ ମିଳିଲାନି। ହେଲେ ଅଧିକ ଚିକିତ୍ସା ପାଇଁ ଏବେ ଅର୍ଥ ବାଧକ ସାଜିଛି। ଜିଲା ପ୍ରଶାସନ କିମ୍ବା କୌଣସି ସଂଗଠନ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି। କୁନ୍ତିଙ୍କ କହିବା ଅନୁଯାୟୀ, ତାଙ୍କ ସ୍ୱାମୀ ଆଜକୁ ୫ ବର୍ଷ ହେବ ତାଙ୍କୁ ଛାଡି ଅନ୍ୟ ଜଣକୁ ବିବାହ କରିଛନ୍ତି। ଫଳରେ କୁନ୍ତି ତାଙ୍କର ୨ ଝିଅକୁ ନେଇ ବହୁ କଷ୍ଟରେ ନିଜ ମା'ଙ୍କ ଘରେ ରହୁଛନ୍ତି । ବାପାଙ୍କ ମୃତ୍ୟୁ ହୋଇଥିବାବେଳେ ମା'ଙ୍କ ପାଖରେ ମଧ୍ୟ କିଛି ସମ୍ବଳ ନାହିଁ। ମା'ଙ୍କ ପାଖରେ ଜଣେ ଅବିବାହିତ ଝିଅ ଥିବାବେଳେ ପୁଣି ୨ ଝିଅଙ୍କ ସହ କୁନ୍ତି ତାଙ୍କ ପାଖରେ ରହୁଛନ୍ତି। ମା'ଙ୍କୁ ୫୦୦ଟଙ୍କା ଭତା ମିଳୁଥିବାବେଳେ ଏଥିରେ ୫ ପ୍ରାଣୀ କୁଟୁମ୍ବ ଚଳିବା ବହୁତ କଷ୍ଟକର ହୋଇପଡୁଛି ବୋଲି କୁନ୍ତି କହିଛନ୍ତି। ସରକାରୀ ସହାୟତା ମିଳିଲେ ଝିଅର ଭଲ ମେଡିକାଲରେ ଚିକିତ୍ସା ହୋଇପାରନ୍ତା ବୋଲି ସେ କହିଛନ୍ତି।

# ଗୁଣପୁର ତହସିଲଦାରଙ୍କୁ ଭୂମି ସମ୍ମାନ

ଗୁଣପୁର,୧୦।୮ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ତହସିଲଦାର ଶରତ ଚନ୍ଦ୍ର ନାୟକ ଭୂମି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱର ଲୋକସେବା ଭବନର କନଭେନସନ ସେଣ୍ଟରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମୟରେ ଜିଲାପାଳ ସ୍ୱଧାଦେବ ସିଂ ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ.ପାଣ୍ଡିଆନ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜମି ରେକର୍ଡ କମ୍ପ୍ୟୁଟରୀକରଣ, ଅନ୍‌ଲାଇନରେ ଜମି ପଞ୍ଜୀକରଣ, ରେକର୍ଡ ରୁମ୍‌ର ଆଧୁନିକୀକରଣ ସହ ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଗୁଣପୁର ତହସିଲକୁ ସମ୍ମାନିତ କରାଯାଇଛି। ସୂଚନାଯୋଗ୍ୟ, ଏଥି ପୂର୍ବରୁ ଉପରୋକ୍ତ କାର୍ଯ୍ୟଗୁଡିକ ପାଇଁ ରାୟଗଡା ଜିଲାପାଳ ନୂଆଦିଲ୍ଲୀଠାରେ ରାଷ୍ଟ୍ରପତିଙ୍କଠାରୁ ଭୂମି ସମ୍ମାନରେ ସମ୍ମାନିତ ହୋଇଥିଲେ।





ଜିଲାପାଳଙ୍କ ସହ ଗୁଣପୁର ଏବଂ କୋଲନୋରା ତହସିଲଦାର ।

# ଦୟନୀୟ ଅବସ୍ଥାରେ ୧୩୮ ବର୍ଷର ବିଦ୍ୟାଳୟ

ଗୁଡ଼ାରି,୧୦।୮ (ପ୍ରମୋଦ କୁମାର ପତି)





### ଭଙ୍ଗା କୋଠରିରେ ପଢୁଛନ୍ତି ଛାତ୍ରୀଛାତ୍ର

ଶିକ୍ଷାର ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ରାୟଗଡ଼ା ଜିଲା ଗୁଡ଼ାରି ସହରରେ ଥିବା ଏକ ଶତାୟୁ ବିଦ୍ୟାଳୟର ଦୟନୀୟ ଅବସ୍ଥା ଶିକ୍ଷା ବ୍ୟବସ୍ଥାର ପାରିବାପଣିଆକୁ ପଦାରେ ପକେଇଛି। ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ସହରରେ ଇଂରେଜ ଶାସନ କାଳରେ ତା ୫।୫।୧୮୮୫ରେ ଏକ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହୋଇଥିଲା। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ଏକଦା ଏହି ବିଦ୍ୟାଳୟରେ ପାଠପଢ଼ିଥିଲେ। ଏହାଛଡା ଏହି ବିଦ୍ୟାଳୟରେ ଗୁଡ଼ାରି ଅଞ୍ଚଳର ବହୁ ଛାତ୍ରୀଛାତ୍ର ପାଠପଢ଼ି ଏବେ ଦେଶ ଏବଂ ବିଦେଶରେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଛନ୍ତି। ହେଲେ ପ୍ରଶାସନ ପକ୍ଷରୁ ଉକ୍ତ ବିଦ୍ୟାଳୟର ପୁନରୁଦ୍ଧାର କରାଯାଉ ନ ଥିବାରୁ ଏହା ଏବେ ଶୋଚନୀୟ ହୋଇପଡ଼ିଛି। ବିଦ୍ୟାଳୟ ପରିସରରେ ଅନେକ ଶ୍ରେଣୀଗୃହ ଭାଙ୍ଗିରୁଜି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହି ଅବ୍ୟବହୃତ ଭଙ୍ଗା ଶ୍ରେଣୀଗୃହ କେତେବେଳେ ଭାଙ୍ଗି ବିପଦକୁ ଡାକି ଆଣିବ କିଛି କହିହେବ ନାହିଁ। ସେପକ୍ଷେ ଶ୍ରେଣୀକକ୍ଷ ଅଭାବରୁ ଗୋଟିଏ କୋଠରିରେ ୫ଟି ଯାକ ଶ୍ରେଣୀର ପିଲାଙ୍କୁ ଏକାଠି ବସାଇ ଶିକ୍ଷାଦାନ କରାଯାଉଛି। ଫଳରେ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି।

ଚଳିତ ଶିକ୍ଷା ବର୍ଷରେ ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୬ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସ୍କୁଲରେ ସ୍ଥାୟୀ ଶିକ୍ଷକ ଶିକ୍ଷୟିତ୍ରୀ ନ ଥିବାରୁ ବହୁ ଦାବି ପରେ ଗତ କିଛିଦିନ ହେଲା ଡେପୁଟେଶନରେ ୨ ଜଣ ଆସି ଶିକ୍ଷାଦାନ କରୁଛନ୍ତି। ସ୍କୁଲର ଦୟନୀୟ ଅବସ୍ଥା ପାଇଁ ଅଭିଭାବକମାନେ ନିଜ ପିଲାଙ୍କୁ ଏଠାରେ ପଢ଼ାଇବାକୁ ଆଗ୍ରହ ପ୍ରକାଶ କରୁ ନ ଥିବା ଜଣାପଡ଼ିଛି। ଗତ ୧୦ବର୍ଷ ମଧ୍ୟରେ ୨୦୧୪-୧୫ ଶିକ୍ଷା ବର୍ଷରେ ବିଦ୍ୟାଳୟରେ ସର୍ବାଧିକ ୮୧ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ। ୨୦୨୦-୨୧ ବର୍ଷରେ ମାତ୍ର ୨୦ ଛାତ୍ରୀଛାତ୍ର ଅଧ୍ୟୟନ କରିଥିଲେ। ବିଦ୍ୟାଳୟର ଏପରି ଅବସ୍ଥା ସମ୍ପର୍କରେ ପୁରାତନ ଛାତ୍ରୀଛାତ୍ର କହିଛନ୍ତି, ସରକାର ଏହି ଇଂରେଜ ଅମଳର ବିଦ୍ୟାଳୟକୁ ପୁନରୁଦ୍ଧାର କରି ନୂତନ ଶ୍ରେଣୀଗୃହ ନିର୍ମାଣ କରିବା ଆବଶ୍ୟକ। ଏଥିସହ ଦକ୍ଷ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦେଲେ ଏହି ବିଦ୍ୟାଳୟ ନିଶ୍ଚିତ ଭାବେ ଏହାର ପୂର୍ବ ଅବସ୍ଥାକୁ ଫେରିବ ଏଥିରେ ସନ୍ଦେହ ନାହିଁ। ଏ ସମ୍ପର୍କରେ ଗୁଡ଼ାରି ଗୋଷ୍ଠୀ ଶିକ୍ଷା ଅଧିକାରୀ ରତ୍ନମୟୀ ପୁରୋହିତ କହିଛନ୍ତି, ବିଦ୍ୟାଳୟର ଉନ୍ନତି ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି ଏବଂ ଆସନ୍ତା ଶିକ୍ଷା ବର୍ଷରେ କିପରି ଏଠାରେ ସହରର ଅଧିକ ପିଲା ନାମ ଲେଖାଇବେ ସେ ଦିଗରେ ଅଧିକ ଗୁରୁତ୍ୱ ଦିଆଯିବ। ଏହି ବିଦ୍ୟାଳୟରେ ନୂତନ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ଖୁବଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ସ୍ଥାନୀୟ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମୁରଲୀକୃଷ୍ଣ ପଣ୍ଡା କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୧ ଅଗଷ୍ଟ, ୨୦୨୩

**ନୂତନ ଅତିରିକ୍ତ ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ**

କୋରାପୁଟ,(ଅମିତାଭ ବେହେରା)- କୋରାପୁଟ ଜିଲାର ନୂତନ ଅତିରିକ୍ତ ଜିଲାପାଳ(ରାଜସ୍ୱ)ଭାବେ ସୋମନାଥ ପ୍ରଧାନ ଦାୟିତ୍ୱଗ୍ରହଣ କରିଛନ୍ତି। ତାଙ୍କୁ ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟର ବହୁ ଅଧିକାରୀ ଓ କର୍ମଚାରୀ ସ୍ୱାଗତ କରିଥିଲେ। ଜିଲାରେ ଥିବା ବିଭିନ୍ନ ରାଜସ୍ୱ ମାମଲାର ସମାଧାନ କରିବା ଦିଗରେ ଦୃଷ୍ଟି ଦେବେ ବୋଲି ସେ କହିଛନ୍ତି। ପ୍ରକାଶ ଯେ ନୂତନ ଅତିରିକ୍ତ ଜିଲାପାଳ ପୂର୍ବରୁ ରାୟଗଡା ଜିଲାର ଏଡିଏମ୍ ଭାବେ କାର୍ଯ୍ୟ କରୁଥିଲେ। କୋରାପୁଟରେ ପୂର୍ବରୁ ଥିବା ଏଡିଏମ(ରାଜସ୍ୱ) ରାମେଶ୍ୱର ପ୍ରଧାନଙ୍କୁ ରାୟଗଡା ଜିଲାର ଅତିରିକ୍ତ ଜିଲାପାଳଭାବେ ବଦଳି କରାଯାଇଛି।



## ସଂକ୍ଷେପରେ

### ଜୟପୁର ଦାୟିତ୍ୱ ନେଲେ ନୂଆ ଉପଜିଲାପାଳ

ଜୟପୁର, ୧୦।୮(ପବନ ପାଣିଗ୍ରାହୀ)

ଜୟପୁର ଉପଜିଲାପାଳ ଭାବେ ଗୁରୁବାର ପ୍ରଭାତ କୁମାର ପରିଡ଼ା ଦାୟିତ୍ୱ ନେଇଛନ୍ତି। ସେ ଗଞ୍ଜାମର ହିଞ୍ଜିଳିକାଟୁରେ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ । ସରକାର ପରିଡ଼ାଙ୍କୁ ପଦୋନ୍ନତି ଦେଇ ଜୟପୁର ଉପଜିଲାପାଳ ଭାବେ ନିଯୁକ୍ତି କରିଛନ୍ତି । ଏଠାରେ ଉପ ଜିଲାପାଳ ଥିବା ବେଦବର ପ୍ରଧାନଙ୍କୁ ମାଲକାନଗିରି ଏଡିଏମ୍ ଭାବେ ବଦଳି ହୋଇଛି। ପ୍ରଧାନ ପିଏ ଆଇଟିଡିଏ ଗୋପୀନାଥ ସାରକାଙ୍କୁ ଦାୟିତ୍ୱ ଦେଇ ଏଠାରୁ ରିଲଭ ହୋଇ ଚାଲିଯାଇଥିଲେ। ନୂତନ ଉପ ଜିଲାପାଳ ପରିଡାଙ୍କୁ କର୍ମଚାରୀଙ୍କ ସହ ତହସିଲଦାର ସାଗରିକା ଷଡ଼ଙ୍ଗୀ ସ୍ୱାଗତ କରିଥିଲେ।

### ଗ୍ରାମୀଣ ଡାକ ସେବକ ସଂଘର ଧାରଣା

ଜୟପୁର,୧୦।୮ (ପବନ ପାଣିଗ୍ରାହୀ)

ଜୟପୁର ମୁଖ୍ୟ ଡାକଘର ସମ୍ମୁଖରେ ସର୍ବଭାରତୀୟ ଗ୍ରାମୀଣ ଡାକ ସେବକ ସଂଘର ଆହ୍ୱାନରେ ଗ୍ରାମୀଣ ଡାକ ସେବକ ସଂଘ ପକ୍ଷରୁ ଧାରଣା, ବିକ୍ଷୋଭ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କର୍ମଚାରୀମାନେ ପିଏସ୍‌ପିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମୁଖ୍ୟତଃ ଗ୍ରାମୀଣ ଡାକ ସେବକଙ୍କୁ କର୍ମଚାରୀର ମାନ୍ୟତା ଦେଇ ୪ ଘଣ୍ଟା ବଦଳରେ ୮ ଘଣ୍ଟା କାମର ଦରମା ଦେବା , ଇନ୍‌ସେଣ୍ଟିଭ୍ ନାଁ ରେ ଅଧିକ ସମୟ କାମ କରେଇବା ବନ୍ଦ କରିବା, ସପ୍ତମ ବେତନ କମିଶନ ସୁପାରିସ ଲାଗୁ କରିବା, କମଲେଶ୍ ଚନ୍ଦ୍ରା କମିଶନ ରିପୋର୍ଟ ଲାଗୁ କରିବା , ଗ୍ରାଚ୍ୟୁଇଟି ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା , ବଳକା ଛୁଟି ବାବଦ ଅର୍ଥ ଦେବା, ଜିଡିଏସ୍ ଓ ପରିବାର ସଦସ୍ୟ ମାନଙ୍କୁ ସ୍ୱାସ୍ଥ୍ୟସେବା ସୁବିଧା ଦେବା, ଜିଡିଏସ୍‌ମାନଙ୍କୁ କମିଶନ ଦେଇ ଟାର୍ଗେଟ ଧାର୍ଯ୍ୟ ଦେବା ବନ୍ଦ କରିବା ଆଦି ଦାବି ନେଇ କର୍ମଚାରୀମାନେ ଆନ୍ଦୋଳନ କରିଥିଲେ। ଆଗାମୀ ୨ ମାସ ମଧ୍ୟରେ ଦାବି ପୂରଣ ନ ହେଲେ ପୁନର୍ବାର ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରାଯିବ ବୋଲି ସର୍ବଭାରତୀୟ କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ସାହୁ କହିଛନ୍ତି। ସଭାପତି ଦେବରାଜ ଦାସ, କାର୍ଯ୍ୟକାରୀ ସଭାପତି ଜଗଦୀଶ କର, ସହ ସମ୍ପାଦକ ଶିଶିର ଗନ୍ତାୟତ, ସମ୍ପାଦକ ସହଦେବ ହରିଜନ, ଶରତ ଦାସ, ଅରୁଣ ମିଶ୍ର, କୈଳାସ ପଟ୍ଟନାୟକ, ମୋହନ ରାଓ ଏବଂ ସିଟି କୋଅର୍ଡିନେଶନ କମିଟି ଅଧ୍ୟକ୍ଷ ରାମକୃଷ୍ଣ ସାହୁ , ଉପସଭାପତି ନଳିନୀ ରଥ, ସାଧାରଣ ସମ୍ପାଦକ ପ୍ରମୋଦ ମହାନ୍ତି, ମାଧବ ଚୌଧୁରୀ ଉପସ୍ଥିତ ଥିଲେ।

### ଶଳାଙ୍କ ମାଡ଼ରେ ଭିଣୋଇ ମୃତ

କୋରାପୁଟ,୧୦।୮(ଅମିତାଭ ବେହେରା)

ପାରିବାରିକ କଳହରୁ ଗୁରୁବାର ଦୁଇ ଶଳାଙ୍କ ମାଡ଼ରେ ଭିଣୋଇଙ୍କ ମୃତ୍ୟୁ ହୋଇଛି। ସେ ହେଲେ ରେଲୱେ କଲୋନୀର ଚନ୍ଦନ ଦମେଇ । ପରିବାର ପକ୍ଷର ଟାଉନ ଥାନାରେ ଏତଲା ପରେ ପୋଲିସ ସହ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ହୋଟେଲ ପ୍ରିନ୍‌ସେସ୍ ରେଷ୍ଟୁରାଣ୍ଟ ସିଲ୍

ଜୟପୁର, ୧୦।୮(ପବନ ପାଣିଗ୍ରାହୀ)



ଅଧିକାରୀମାନେ ହୋଟେଲ ସିଲ୍ କରୁଛନ୍ତି।

ଜୟପୁର ସହରରେ ଥିବା ରେଷ୍ଟୁରାଣ୍ଟ ଓ ରାସ୍ତା କଡ଼ରେ ଥିବା ହୋଟେଲରେ ଗ୍ରାହକଙ୍କୁ ବାସିଖାଦ୍ୟ ଦେଉଥିବା, ଏହା ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଏହାକୁ ଭିତ୍ତି କରି ଗୁରୁବାର ଜୟପୁର ପୌରପାଳିକା ଓ ଫୁଡ୍ ସେଫ୍ଟି ଟିମ୍ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ଟାଉନ ଥାନା ନିକଟରେ ଥିବା ହୋଟେଲ ପ୍ରିନ୍‌ସେସ୍ ଉପରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ରେଷ୍ଟୁରାଣ୍ଟର ପରିବେଶ ସ୍ୱଚ୍ଛ ନ ଥିବା, ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଥିବା, ବାସିଖାଦ୍ୟ , ଏକ୍ସପାଏର୍ଡ୍ ତାରିଖ ସରିଯାଇଥିବା ଫୁଡ୍ କଲର ଆଦି ଟିମ୍ ନଜରକୁ ଆସିଥିଲା। ଫଳରେ ଟିମ୍ ହୋଟେଲ ମାଲିକଙ୍କୁ ୨୦ ହଜାର ଟଙ୍କା ଜରିମାନା କରିବା ସହ ୧୫ ଦିନ ପାଇଁ ହୋଟେଲକୁ ସିଲ୍ କରିଥିଲା। ୧୫ ଦିନପରେ ପୌର ପରିଷଦ ଯାଞ୍ଚ କରିବା ପରେ ସବୁ ଠିକ୍ ଥିଲେ ଖୋଲିବାକୁ ଅନୁମତି ମିଳିବ। ପରେ ଏନ୍‌କେଟି ରୋଡ୍ ସ୍ଥିତ ହୋଟେଲ ଉତ୍ସରେ ମଧ୍ୟ ଚଢାଉ କରାଯାଇଥିଲା। ସେଠାରେ ମଧ୍ୟ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଥିବା, ଏକ୍ସପାଏର୍ଡ୍ ତାରିଖ ସରିଯାଇଥିବା ଫୁଡ୍ କଲର ବ୍ୟବହାର କରାଯାଉଥିବା ଟିମ୍ ନଜରକୁ ଆସିଥିଲା। ଉତ୍ସ ମାଲିକଙ୍କୁ ୫ ହଜାର ଟଙ୍କା ଜରିମାନା ପକାଯାଇଥିଲା। ୧୨୦ ମାଇକ୍ରନ୍‌ରୁ କମ୍ ବିକ୍ରୟ କରୁଥିବା ଓ ବ୍ୟବହାର କରୁଥିବା କେତେକ ଦୋକାନ ଉପରେ ଚଢ଼ାଉକରି ୨୫ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହା ୨ଟି ରେଷ୍ଟୁରାଣ୍ଟ,୪ଟି ହୋଟେଲ, ୨ଟି ଡିଷ୍ଟ୍ରିବ୍ୟୁଟର ଉପରେ ବେଆଇନ ପଲିଥିନ କାରବାର କରୁଥିବା ଯୋଗୁ ଚଢାଉ କରାଯାଇ ମୋଟ ୪୨ ହଜାର ୮ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି । ଏହି ଚଢ଼ାଉରେ ଖାଦ୍ୟ ନିରାପତ୍ତା ନିରୀକ୍ଷକ ପ୍ରଭାସ କୁମାର, ପୌରପାଳିକାର ପି .ଜଗଦିଶଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି ।

**ଖାଦ୍ୟର ମାନ , ସଫେଇ ସହ ପଲିଥିନ ଯାଞ୍ଚ**

# ଚାଷୀଙ୍କୁ ଋଣ ପ୍ରଦାନ କଲେ ବିଧାୟକ


ବିଧାୟକ ଜଣେ ଚାଷୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

ପଟ୍ଟାଙ୍ଗି,୧୦।୮(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧିନସ୍ଥ ଦୁଇଟି ସ୍ଥାନରେ ସ୍ଥାନୀୟ ଲ୍ୟାମ୍ପ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଋଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାଙ୍ଗି ଲ୍ୟାମ୍ପ କାର୍ଯ୍ୟାଳୟର ପରିଚାଳକ ନିର୍ଦ୍ଦେଶକ ଦିଗାମ୍ବର ନାୟକଙ୍କ ସଭାପତିତ୍ୱରେ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପିତମ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବଳରାମ ଯୋଜନା ମାଧ୍ୟମରେ ୫ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୬୦ ହଜାର ଲେଖାଏଁ ୩ ଲକ୍ଷ ଟଙ୍କା ଋଣ ପ୍ରଦାନ କରିଥିଲେ। ମହିଳାମାନେ କିପରି ରୋଜଗାରକ୍ଷମ ହେବା ସହ ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରି ଋଣ ମାଧ୍ୟମରେ ସହାୟତା ଯୋଗାଇ ଦେଉଛନ୍ତି। ତେଣୁ ଋଣ ନେଇ ରୋଜଗାରକ୍ଷମ ହେବା ସହ ଋଣ ପରିଶୋଧ କରି ପୁଣି କିପରି ଋଣ ପାଇପାରିବେ ସେ ଲକ୍ଷ୍ୟ ରଖିବା ଉଚିତ ବୋଲି ବିଧାୟକ ପାଢ଼ୀ କହିଥିଲେ। ଏହି ସମୟରେ ବିଡ଼ିଓ ଦାୟିତ୍ୱରେ ଥିବା ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ , ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ଲ୍ୟାମ୍ପ ସଭାପତି ଚିକୁଣ୍ଡ ପାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅପରାହ୍ନରେ ବ୍ଲକ ସଦର ମହକୁମାସ୍ଥିତ ଲ୍ୟାମ୍ପ କାର୍ଯ୍ୟାଳୟ ପରିସରରେ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ଚିହ୍ନଟ ହୋଇଥିବା ୧୬ ଜଣ ଚାଷୀଙ୍କୁ ଛେଳି ଚାଷ ନିମନ୍ତେ ୯ ଲକ୍ଷ ୨୫ ହଜାର ଟଙ୍କା ଚେକ୍ ମାଧ୍ୟମରେ ପ୍ରଦାନ କରିଥିଲେ। ଏହି ସମୟରେ ପ୍ରାଣୀ ଚିକିତ୍ସାଳୟର ବିଡିଓ ବୃନ୍ଦାବତି ମାଝି, ଏମଭିୟୁ ଭିଏସ୍ ସ୍ମୃତିରେଖା ପତି ଏବଂ ନବ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଲ୍ୟାମ୍ପ କାର୍ଯ୍ୟାଳୟର ଟିପି ରାକେଶ, ଦେବକାଲ ପାଡିଆ, ସତ୍ୟ ନାରାୟଣ ପଟ୍ଟନାୟକ, ଦଶରଥ ଖଡା, ନାରାୟଣ ହନ୍ତାଳ, ଅଜିତ ସୁରେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗଛ ଲଗାଇ ପ୍ରତିଷ୍ଠା ଦିବସ ପାଳିଲେ ପୁରାତନ ଛାତ୍ର



ଚାରାରୋପଣ କରି ପ୍ରତିଷ୍ଠା ଦିବସ ପାଳନ କରିଥିବା ପୁରାତନ ଛାତ୍ରମାନେ।

କୋରାପୁଟ,୧୦।୮(ଅମିତାଭ ବେହେରା)

୧୯୬୮ରୁ ପ୍ରତିଷ୍ଠିତ ସରକାରୀ ମହାବିଦ୍ୟାଳୟ ତଥା ପୁରାତନ ଡିଏଭି ମହାବିଦ୍ୟାଳୟ ୫୬ ବର୍ଷରେ ପଦାର୍ପଣ କରିଛି । ଅଗଷ୍ଟ ୧୦ ତାରିଖ ୧୯୬୮ରେ ଏହା ପ୍ରତିଷ୍ଠା ହୋଇଥିଲା। ପ୍ରଥମେ ଏହା କୋରାପୁଟ ପଞ୍ଚାୟତ ଭବନରେ କଲେଜ ଚାଲିଥିଲା। ୧୯୯୩ରେ ଲାଣ୍ଡିଗୁଡାସ୍ଥିତ ନିଜସ୍ୱ କୋଠାକୁ ସ୍ଥାନାନ୍ତର ହୋଇଥିଲା। ଡିସେମ୍ବର ୨୦୧୨ରୁ ଡିଏଭି ମହାବିଦ୍ୟାଳୟର ନାମ ପରିବର୍ତ୍ତନ ହୋଇ ସରକାରୀ ମହାବିଦ୍ୟାଳୟ ହୋଇଛି। ଗୁରୁବାର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ପୂର୍ବତନ ଛାତ୍ର ସଂସଦ ମହାବିଦ୍ୟାଳୟ ପରିସରରେ ପହଞ୍ଚି ମହର୍ଷି ଦୟାନନ୍ଦ, ମହାତ୍ମାଗାନ୍ଧୀ, ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଚାରା ରୋପଣ କରିଥିଲେ। ଏହି ଅବସରରେ କଦମ୍ବ, ପଣସ, ଚମ୍ପା, ଅର୍ଜୁନ, ଅଶୋକ, କରଞ୍ଜ, ଡାଲଚିନି, ଅଁଳା, ବେଲ, କୃଷ୍ଣଚୂଡା, ରାଧାଚୁଡା, ବଉଳ ଆଦି ୫୬ଟି ଚାରାରୋପଣ କରି ଛାତ୍ରମାନେ ପ୍ରତିଷ୍ଠା ଦିବସ ପାଳନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ ପଟ୍ଟନାୟକ ଉପସ୍ଥିତ ଥିଲେ। ଏନସିସି ଏବଂ ଏନଏସ୍‌ଏସ୍ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମହାବିଦ୍ୟାଳୟ ଛାତ୍ର ସଂସଦର ପ୍ରଥମ ସମ୍ପାଦକ ଯୋଗେଶ ପାଢ଼ୀ, ନରସିଂହ ରାଓ, ଉମା ବେହେରା, ହର ରଥ, କ୍ରିଷ୍ଣା ରାଓ, ତାରିଣୀ ପାତ୍ର, ରାମନାଥ ସାହୁ, ଚିତ୍ତ ଶତପଥୀ, ଗୁପ୍ତେଶ୍ୱର ପାଣିଗ୍ରାହୀ, ଉମାଶଙ୍କର ପାତ୍ର, ରଞ୍ଜିତ ପଟ୍ଟନାୟକ, ଶରତ ପଟ୍ଟନାୟକ, ରବି ନାରାୟଣ ମିଶ୍ର, ଗଜନୀ ଚନ୍ଦ୍ର ଶେଖର, କାମାକ୍ଷା ମାଝୀ, ଜମି ସନ୍ତୋଷ, ଏନ. ରମେଶ କୁମାର, ରମେଶ କୁନର, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ନିରଞ୍ଜନ ପାଢୀ, ମନ୍ମଥନାଥ ପାଢୀ, ମାର୍କଣ୍ଡ ପାଢୀ, ସଚି ସାହୁ, କୃଷ୍ଣ ସାଁ, ବିଦ୍ୟାଧର ଚୌଧୁରୀ ଅମିତାଭ ବେହେରା, ସୌମେନ୍ଦ୍ର ସ୍ୱାଇଁ, ଲକ୍ଷ୍ମୀ ପାଣିଗ୍ରାହୀ, ଭବାନୀ ଶଙ୍କର ମିଶ୍ର, ତ୍ରିନାଥ ଗୁରୁ, ସି ଏଚ ସାନ୍ତାକାର ପ୍ରମୁଖ ଉପସ୍ଥିତ ଥିଲେ। ମନୋରଞ୍ଜନ ରାଉତରାୟ, ରୂପକ ତୁରୁକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗୋ ହତ୍ୟା ମାମଲାରେ ୨ ଗିରଫ

ଜୟପୁର, ୧୦।୮ (ପବନ ପାଣିଗ୍ରାହୀ)

ଗୋ ହତ୍ୟା ମାମଲାରେ ଜୟପୁର ସଦର ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଯମୁନାଗୁଡାର ଡୁଲାରାମ ହରିଜନ (୩୮) ଓ ଘନ ହରିଜନ (୩୫) । ଯମୁନାଗୁଡାର ଜ୍ଞାନ ଛୋଟରାୟଙ୍କ ଗାଇ ୩ ଦିନ ହେବ ହଜି ଯାଇଥିଲା। ତାଙ୍କ ସମ୍ପର୍କୀୟ ଜଣେ ଗାଇକୁ ହତ୍ୟା କରୁଥିବାର ଭିଡିଓ ପାଇଥିଲେ । ତାକୁ ଦେଖିବା ପରେ ଜ୍ଞାନ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଡୁଲାରାମ ଓ ଘନଙ୍କ ସମ୍ପୃକ୍ତି ଥିବା ଜାଣି ଉଭୟଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

### ଚୋରା ବାଲି ଚାଲାଣ ଧରାଇଲେ ବ୍ଲକ ଉପାଧ୍ୟକ୍ଷ

ନନ୍ଦପୁର, ୧୦।୮(ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକରେ ଥିବା ଗାଲଗାଣ୍ଡା–ଡୁରୁବା ବାଲି ସୈରାତରୁ ଚୋରାରେ ବାଲି ଚାଲାଣ କରୁଥିବା ଟ୍ରକକୁ ନନ୍ଦପୁର ହାଟପଦା ନିକଟରେ ବ୍ଲକ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ ଅଟକାଇ ପଚରାଉଚରା କରିଥିଲେ। ଡ୍ରାଇଭରଙ୍କ ନିକଟରେ କୌଣସି ଆର ଫର୍ମ ନ ଥିବା ଜାଣି ସେ ତହସିଲଦାର, ଅତିରିକ୍ତ ତହସିଲଦାର, ଏସଡିପିଓ ଏବଂ ନନ୍ଦପୁର ଥାନାଧିକାରୀଙ୍କୁ ଅବଗତ କରିଥିଲେ। ଦୁଇଘଣ୍ଟା କାଳ ଅପେକ୍ଷା କରିବା ପରେ ମଧ୍ୟ କୌଣସି ଅଧିକାରୀ ନ ଆସିବାରୁ ବାଧ୍ୟହୋଇ କୋରାପୁଟ ଉପଜିଲାପାଳ ବେଣୁଧର ଶବରଙ୍କୁ ଜଣାଇଥିଲେ। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ସିମାଞ୍ଚଳ ପାତ୍ର ଘଟଣା ସ୍ଥଳରେ ପହଞ୍ଚି ବାଲି ବୋଝେଇ ଟ୍ରକ ଜବତ କରିଥିଲେ।

# ଶିଶୁ ସୁରକ୍ଷା, ଅଧିକାର ସମ୍ପର୍କିତ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

ସୁନାବେଡ଼ା,୧୦।୮( କୃତ୍ତିବାସ ପ୍ରଧାନ)

ପୌର ପରିଷଦ ସଭାଗୃହରେ ଶିଶୁ ସୁରକ୍ଷା ଓ ଅଧିକାର ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଜେଶ୍ୱରୀ ଦାସଙ୍କ ସମେତ ଚାଇଲ୍ଡ ଲାଇନ୍ କର୍ମକର୍ତ୍ତାମାନେ ଯୋଗଦେଇ ଶିଶୁ ସୁରକ୍ଷା ଓ ଅଧିକାର ପାଇଁ ଥିବା ବିଭିନ୍ନ ଆଇନ ସମ୍ପର୍କରେ ଭିଡିଓ ଫିଲ୍ମ ମାଧ୍ୟମରେ ବୁଝାଇଥିଲେ। କର୍ମଶାଳାରେ ପୌର ଅଧ୍ୟକ୍ଷ ଡ଼ ରାଜେନ୍ଦ୍ର ପାତ୍ର ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନେ ନିଜର ଉପଯୁକ୍ତ ସୁରକ୍ଷା, ଅଧିକାର ସମ୍ପର୍କରେ ଅବଗତ ହୋଇପାରିଲେ ସେମାନେ ଉପକୃତ ହେବେ ବୋଲି କହିଥିଲେ। ନିର୍ବାହୀ ଅଧିକାରୀ ନାରାୟଣ ନାୟକ ଏପରି କାର୍ଯ୍ୟକ୍ରମ ଦ୍ୱାରା ଶିଶୁମାନେ ଉଚିତ ନ୍ୟାୟ ପାଇପାରିବେ ବୋଲି କହିଥିଲେ। କର୍ମଶାଳାରେ ସମସ୍ତ କାଉନସିଲର ଏବଂ ୱାର୍ଡ ଅଫିସରମାନେ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷା ରିତୁ କଣ୍ଡା ଧନ୍ୟବାଦ ଦେଇଥିବା ବେଳେ ଲକ୍ଷ୍ମୀଧର ମହାପାତ୍ର ପରିଚାଳନା କରିଥିଲେ।

# ଜାତୀୟ କୃମିନାଶ ଦିବସରେ ଛାତ୍ରୀଛାତ୍ରଙ୍କୁ ଔଷଧ ପ୍ରଦାନ

ନନ୍ଦପୁର, ୧୦।୮(ଶଙ୍କର ପୂଜାରୀ)


ବିଦ୍ୟାଳୟରେ ପିଲାଙ୍କୁ କୃମିନାଶ ଔଷଧ ପ୍ରଦାନ କରାଯାଉଛି ।

ପୁଷ୍ଟିହୀନତା ଓ ରକ୍ତହୀନତା ଶିଶୁ, କିଶୋର, କିଶୋରୀମାନଙ୍କ ମାନସିକ ଓ ଶାରୀରିକ ଅଭିବୃଦ୍ଧିର ବାଧକ ସାଜିଥାଏ। ଶିଶୁଙ୍କ ଶରୀରରେ କୃମିରୋଗ ଦେଖା ଦେଇଥାଏ। କୃମିଠାରୁ ଶିଶୁ ଓ କିଶୋର କିଶୋରୀଙ୍କୁ ଦୂରେଇ ରଖିବାକୁ ଅଗଷ୍ଟ ୧୦ରୁ ୧୭ ତାରିଖ ଯାଏ ଜାତୀୟ କୃମିନାଶ ଦିବସ ପାଳନ ହେଉଛି। ଏହି ପରିପ୍ରେକ୍ଷୀରେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୨୦୩ବିଦ୍ୟାଳୟ ଓ ୨୩୦ ଅଙ୍ଗନୱାଡି କେନ୍ଦ୍ରର ୪୦୯୪୨ ଶିଶୁ ଓ କିଶୋରୀଙ୍କୁ କୃମିନାଶକ ଔଷଧ ସେବନ କରାଇବାର ଲକ୍ଷ୍ୟ ରଖାଯାଇଥିଲା। ପ୍ରଥମ ଦିନରେ ହିଁ ୯୫ ପ୍ରତିଶତ ଲକ୍ଷ୍ୟ ହାସଲ କରାଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୁବରାଜ ମୁର୍ମୁ କହିଛନ୍ତି। ଏହା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ, ଅଙ୍ଗନୱାଡି କର୍ମୀଙ୍କ ଯୋଗୁ ସମ୍ଭବ ହୋଇଛି। ଆସନ୍ତା ୧୭ ତାରିଖ ମଧ୍ୟରେ ବଳକା ୫ ପ୍ରତିଶତ ଶିଶୁ ଓ କିଶୋରୀ ମାନଙ୍କୁ କୃମି ଔଷଧ ଦେବା ବ୍ୟବସ୍ଥା ହେବ ବୋଲି ସେ ସୂଚନା ଦେଇଛନ୍ତି।

# କ୍ୱାର୍ଟର ଫାଇନାଲକୁ ୮ ଟିମ୍ ମନୋନୀତ

କୋରାପୁଟ,୧୦।୮(ଅମିତାଭ ବେହେରା)

- କେଡିଏଫଏ କପ୍ ଫୁଟବଲ ଟୁର୍ନାମେଣ୍ଟ
- ଶେଷ ମ୍ୟାଚରେ ରେଲି କୁମ୍ଭା ବିଜୟୀ

କୋରାପୁଟ ଜିଲା ଫୁଟବଲ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଓଏସ୍‌ଏପି ତୃତୀୟ ବାଟାଲିୟନର ପଡିଆରେ ଚାଲିଥିବା ଜିଲାସ୍ତରୀୟ କେଡିଏଫଏ କପ୍ ଫୁଟବଲ ଟୁର୍ନାମେଣ୍ଟର ଗୁରବାର ମ୍ୟାଚରେ ରେଲିକୁମ୍ଭା ଟିମ୍ ବିଜୟୀ ହୋଇଛି । ସେହିପରି ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚ ପାଇଁ ୮ ଟି ଦଳର ନାମ ଆୟୋଜକଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଶେଷ ଲିଗ ମ୍ୟାଚରେ କୋରାପୁଟ ରେଲିକୁମ୍ଭା ବିପକ୍ଷ ସୁନାବେଡାର ଆମ୍ବେଡକର ଟିମ୍‌କୁ ୨–୧ ଗୋଲ ବ୍ୟବଧାନରେ ହରାଇ ମ୍ୟାଚ ବିଜୟୀ ହୋଇଥିଲା। କ୍ୱାଟର ଫାଇନାଲକୁ ଯାଇଥିବା ୮ଟି ଟିମ୍ ମଧ୍ୟରେ ରେଲି କୁମ୍ଭା ଟିମ୍, ପାୱାର କ୍ଲବ ସୁନାବେଡାର ଆମ୍ବେଡକର ଟିମ, ଦାମନଯୋଡିର ପାୱାର କ୍ଲବ,ବଡଚିନ୍ଦ୍ରି ଟିମ , ସାଇହଷ୍ଟେଲ ସୁନାବେଡା, ସିୱାଇଏ କୋରାପୁଟ, ଏଆର ସ୍ପୋର୍ଟିଂକ୍ଲବ ଜୟପୁର ଏବଂ ଲାଣ୍ଡିଗୁଡା ଟିମ୍ ରହିଛି। ଆସନ୍ତା ୧୨ରୁ କ୍ୱାର୍ଟର ଫାଇନାଲ ମ୍ୟାଚ ଆରମ୍ଭ ହେବ ବୋଲି ଆୟୋଜକ କମିଟିର ଜେ. କ୍ରିଷ୍ଣା ରାଓ କହିଛନ୍ତି।

# ପ୍ରଦର୍ଶିତ ହେଲା ରାଜ୍ୟର ବରିଷ୍ଠ,ଯୁବଶିଳ୍ପୀଙ୍କ ଚିତ୍ରକଳା

କୋରାପୁଟ,୧୦।୮(ଅମିତାଭ ବେହେରା)

**କୋରାପୁଟରେ ଓଡିଶା ଲଳିତ କଳା ଏକାଡେମୀ ପକ୍ଷରୁ ଚିତ୍ର ପ୍ରଦର୍ଶନୀ**

ଓଡିଶା ଲଳିତ କଳା ଏକାଡେମୀ , ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କୋରାପୁଟର ଆର୍ଟ ଗ୍ୟାଲେରୀଠାରେ ଗୁରୁବାର ଏକ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି । ଆଇଏଏସ ପୋବେସନାରି ସୌମ୍ୟ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। କୋରାପୁଟରେ ଚିତ୍ରଶିଳ୍ପୀମାନଙ୍କୁ କଳା କ୍ଷେତ୍ରରେ ଅଧିକ ଉତ୍ସାହିତ କରିବା ସହ ସେମାନଙ୍କୁ ରାଜ୍ୟ ତଥା ଜାତୀୟ କ୍ଷେତ୍ରରେ ପ୍ରତିଷ୍ଠିତ କରିବା ନେଇ ସୁଯୋଗ ସୃଷ୍ଟିକରିବା ଏହିପ୍ରଦର୍ଶନୀର ଲକ୍ଷ୍ୟ ବୋଲି ପ୍ରଧାନ କହିଥିଲେ। ଅନ୍ୟତମ ଅତିଥି ରୂପେ ଜିଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା ଉପସ୍ଥିତ ରହି ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଦର୍ଶନୀରେ ଶିଳ୍ପୀମାନଙ୍କ ଦ୍ୱାରା ଭଗବାନ, ବୁଦ୍ଧ, ମୋ ଓଡିଶା , ଜଗନ୍ନାଥ, ଆଦିବାସୀ ଜନଜୀବନ ଏବଂ ଓଡିଶା କଳା ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ ୫୦ଟି ଚିତ୍ର ସ୍ଥାନ ପାଇଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ସାଧାରଣ ଦର୍ଶକଙ୍କ ପାଇଁ ଖୋଲା ରହିବ ବୋଲି ସଚିବ ପଞ୍ଚାନନ ସାମଲ କହିଛନ୍ତି। କାର୍ଯ୍ୟକ୍ରମକୁ କେଶବ ଖରା ପରିଚାଳନା କରିଥିଲେ ।


ଆର୍ଟ ଗ୍ୟାଲେରୀରେ ହୋଇଥିବା ଚିତ୍ରକଳା ପ୍ରଦର୍ଶନୀ

# ବିନା ବିଲ୍‌ରେ ହୋଇଛି ୩.୫କୋଟିରୁ ଊର୍ଦ୍ଧ୍ୱ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ

ନନ୍ଦପୁର, ୧୦।୮ (ଶଙ୍କର ପୂଜାରୀ)


ଜନ ଶୁଣାଣିରେ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

**ସାମାଜିକ ସମୀକ୍ଷା,ଜନଶୁଣାଣି ୭ ପୁରୁଣା ନଳକୂପକୁ ନୂତନ ଦର୍ଶାଇ ସିଏଫ୍‌ସି ପାଣ୍ଠିର ଅପବ୍ୟବହାର**

କୋରାପୁଟ ଜିଲା ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ଅଧୀନ ୨୩ ପଞ୍ଚାୟତରେ ୨୦୨୧–୨୩ ମାର୍ଚ୍ଚ ସୁଦ୍ଧା କରାଯାଇଥିବା ଏମ୍‌ଜିଏନ୍‌ଆରଇଜିଏସ୍ ଓ ସିଏଫ୍‌ସି ପାଣ୍ଠିର ବିନିଯୋଗ ସମ୍ପର୍କରେ ସାମାଜିକ ସମୀକ୍ଷା ଓ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ଜିଲା ପରିଷଦ ପ୍ରଶାସକ ଗଣେଶ୍ୱର କଅଁର, ଲୋକପାଳ ତଥା ଜିଲା ଆମୁଡ଼ସମ୍ୟାନ ନଳିନୀ ଟାକିରି, ଜିଲା ସାମାଜିକ ସମୀକ୍ଷକ ଅନିଲ ମହାରଣା, ବିଡିଓ ସୁଜିତ ମିଶ୍ର, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜସକେତନ ବେହେରାଙ୍କ ସମେତ ୨୩ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ, ଯନ୍ତ୍ରୀ, ପିଇଓ, ଜିଆର୍‌ଏସ୍, ମେଟ୍, ଭିଆର୍‌ପିମାନେ ଉପସ୍ଥିତ ଥିଲେ। ୨୩ ପଞ୍ଚାୟତର ୨୫୧ଟି ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ଓ ୭ ପଞ୍ଚାୟତର ୨୧ଟି ସିଏଫ୍‌ସି ପାଣ୍ଠିର ବିନିଯୋଗ କରି ନିର୍ମାଣ କରାଯାଇଥିବା କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ବ୍ଲକ ସାମାଜିକ ସମୀକ୍ଷକ ନବୀନ ଖରା ବ୍ଲକରେ କାର୍ଯ୍ୟରତ ଭିଆର୍‌ପିମାନଙ୍କ ଦ୍ୱାରା ସମସ୍ତ କାର୍ଯ୍ୟର କାଗଜପତ୍ର ଯାଞ୍ଚ, କ୍ଷେତ୍ର ପରିଦର୍ଶନ ଓ ହିତାଧିକାରୀଙ୍କ ସହ ଆଲୋଚନା ପରେ ସଂଗୃହୀତ ତଥ୍ୟ ଉପସ୍ଥାନ କରିଥିଲେ। ଯାଞ୍ଚ ପରେ ଏମ୍‌ଜିଏନଆର୍‌ଇଜିଏସ୍‌ର ୨୫୧ଟି କାର୍ଯ୍ୟରେ ୩ କୋଟି ୫୨ଲକ୍ଷ ୭୨୨୨ ଟଙ୍କା ବିନା ବିଲରେ ହୋଇଥିବା ଜଣାପଡିଥିଲା। ସେହିଭଳି ୭ ପଞ୍ଚାୟତର ୧୫ତମ ସିଏଫ୍‌ସି ପାଣ୍ଠି ବିନିଯୋଗରେ ନିର୍ମାଣ ହୋଇଥିବା ୨୧ଟିପ୍ରକଳ୍ପ ଯାଞ୍ଚ ପରେ ୭ଟି ସୌରଚାଳିତ ନଳକୂପ ବସାଇବା ସମୟରେ ପୁରୁଣା ନଳକୂପକୁ ବ୍ୟବହାର କରି ନୂତନ ନଳକୂପ ଖୋଳାଯାଇଥିବାର ବିଲ କରାଯାଇ ନଳକୂପ ପିଛା ୧ଲକ୍ଷ ୩୦ ହଜାର ଟଙ୍କା ହିସାବରେ ସମୁଦାୟ ୯ଲକ୍ଷ ୧୦ହଜାର ଟଙ୍କା ଓ ଅନ୍ୟ ଏକ କାର୍ଯ୍ୟରେ ୫ ହଜାର ଟଙ୍କା ବିଲ୍ କରାଯାଇଥିବା ଜଣାପଡ଼ିଥିଲା। ଅଧିକାଂଶ କାର୍ଯ୍ୟ ସମ୍ପର୍କରେ ପିଇଓ ସରପଞ୍ଚ ଜାଣି ନ ଥିବା, ଉକ୍ତ କାର୍ଯ୍ୟର କ୍ୟାସ ରେକର୍ଡ ଜିଆର୍‌ଏସ୍‌ମାନେ ଖୋଲି ନ ଥିବା, ମେଟ୍ ଓ ଜିଆର୍‌ଏସ୍‌ମାନେ ଏମ୍‌ଜିଏନଆରଇଜିଏସ୍ ଆପ୍ ମାଧ୍ୟମରେ ନିଜ ଇଚ୍ଛାରେ ଶ୍ରମିକ ଦେୟ ପ୍ରଦାନ କରୁଥିବା, ଯନ୍ତ୍ରୀଙ୍କ ଦ୍ୱାରା ବିଲ୍ କଲେ କାର୍ଯ୍ୟର ପରିମାଣ କମ୍ ଆସିବା ଭୟରେ ବିଲ୍ କରୁ ନ ଥିବା ଅଭିଯୋଗ ହୋଇଛି। କିଛି କାର୍ଯ୍ୟରେ ଶ୍ରମିକ ବଦଳରେ ମେସିନ କାର୍ଯ୍ୟ କରିଥିବା ପ୍ରମାଣିତ ହୋଇଥିଲା। ସାମଗ୍ରୀ ବାବଦକୁ ବିଲ କରିବା ସମୟରେ ଜିଆର୍‌ଏସ୍‌ମାନେ ପିଇଓ ଓ ଯନ୍ତ୍ରୀଙ୍କୁ ଖୋଜୁଥିବା ଉପସ୍ଥିତ ପିଇଓ, ଯନ୍ତ୍ରୀ ଅଭିଯୋଗ କରିଥିଲେ। ସରପଞ୍ଚଙ୍କ ଅଜାଣତରେ ତାଙ୍କ ଡିଜିଟାଲ ସନ୍ତକ ବ୍ୟବହାର କରି ଏଭଳି ଚଞ୍ଚକତା ତଥା ଶ୍ରମିକ ଦେୟ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଥିଲା। ସେହିଭଳି ସିଏଫ୍‌ସି ପାଣ୍ଠିର ବ୍ୟବହାର କରି ଗ୍ରାମାଞ୍ଚଳରେ ନିର୍ମାଣ ହୋଇଥିବା ସୌରଚାଳିତ ପ୍ରକଳ୍ପଗୁଡିକରେ ବ୍ୟାପକ ଅନିୟମିତତା ହୋଇଥିବା ଯାଞ୍ଚ ପରେ ଜଣାପଡ଼ିଛି। ୭ପଞ୍ଚାୟତରେ ୭ଟି ପୁରୁଣା ନଳକୂପକୁ ବ୍ୟବହାର କରାଯାଇ ନୂତନ ନଳକୂପର ବିଲ କରାଯାଇ ୯ଲକ୍ଷ ୧୫ହଜାର ଟଙ୍କା ବାଟ ମାରଣା ହୋଇଥିବା ବ୍ଲକ ସାମାଜିକ ସମୀକ୍ଷକ ଖରା ଟିମ୍ ଯାଞ୍ଚ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟପକ୍ଷରେ ଉପସ୍ଥିତ ଅଧିକାରୀମାନେ ଏଥିରେ ଅସନ୍ତୋଷ ପ୍ରକାଶ କରି ଏମ୍‌ଜିଏନ୍‌ଆରଇଜିଏସ୍‌ରେ ନିଯୁକ୍ତ ମେଟ୍, ଜିଆର୍‌ଏସ୍, ଯନ୍ତ୍ରୀ, ପିଇଓ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆସିଷ୍ଟାଣ୍ଟ, ଏସିପି, ସିପି, ଏପିଓ, ଯନ୍ତ୍ରୀଙ୍କ ମଧ୍ୟରେ ତାଳମେଳ ରହୁ ନ ଥିବା କହିଥିଲେ। ସମସ୍ତ କାର୍ଯ୍ୟର କ୍ୟାଶ୍ ରେକର୍ଡ ଆସନ୍ତା ୭ଦିନ ମଧ୍ୟରେ ପ୍ରସ୍ତୁତ କରିବାକୁ ଜିଆର୍‌ଏସ୍‌ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାମାଜିକ ସୁରକ୍ଷା ଅଧିକାରୀଙ୍କ ଯାଞ୍ଚ ଟିମ୍‌କୁ ରେକର୍ଡ ନ ଦେଇ ଯାଞ୍ଚରେ ସହାୟତା କରି ନ ଥିବା ପଞ୍ଚାୟତ ଅଧିକାରୀଙ୍କୁ ପ୍ରକଳ୍ପ ପିଛା ୧ ହଜାର ଟଙ୍କା ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏବଂ ସମସ୍ତ ଅନିୟମିତତା ସମ୍ପର୍କରେ ଜିଲାପାଳ ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଯାଇ ଏକ ତଦନ୍ତ ଟିମ୍ ଗଠନ କରାଯାଇ ତଦନ୍ତ କରାଯିବ। ତଦନ୍ତ ରିପୋର୍ଟ ଅନୁସାରେ ଦାୟୀ ଅଧିକାରୀଙ୍କଠାରୁ ଜରିମାନା ଆଦାୟ ଓ ଆବଶ୍ୟକ ସ୍ଥଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପରିଷଦ ପ୍ରଶାସକ କଅଁର କହିଛନ୍ତି।

# ଓଏଚ୍‌ପିସି କଲୋନିରେ ବିପର୍ଯ୍ୟସ୍ତ ପରିମଳ

ବାଲିମେଳା,୧୦।୮(ଶିବଦତ୍ତ ସାହୁ)



ଆବର୍ଜନା ଗଦା ହୋଇଛି ।

■ ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କା

■ ମଶାଙ୍କ ଦୌରାତ୍ମ୍ୟରେ ଅଣନିଃଶ୍ୱାସୀ ସହରବାସୀ

ମାଲକାନଗିରି ଜିଲା ବାଲିମେଳାରେ ଥିବା ଓଏଚ୍‌ପିସି ସରକାରୀ କ୍ୱାର୍ଟର୍ସ ଜଳବିଦ୍ୟୁତ୍ କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ନିମନ୍ତେ ଯୋଗାଇ ଦିଆଯାଉଛି। ଏହି କ୍ୱାର୍ଟର୍ସ ପରିସର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

ଡ୍ରେନ୍‌ଗୁଡ଼ିକରେ ଅଳିଆ ଆବର୍ଜନା ଭର୍ତ୍ତିହୋଇ ରହିଥିବା ବେଳେ ଅଞ୍ଚଳରେ ଲଗାଣ ବର୍ଷା କାରି ରହିଥିବାରୁ ମଶା ବଂଶ ବୃଦ୍ଧି ରୋଗର କାରଣ ହେଉଛି। ଏ ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କଲୋନିରେ ଥିବା ଡ୍ରେନ୍‌ଗୁଡ଼ିକ ମଧ୍ୟରୁ କେତେକ ଭାଙ୍ଗିରୁଜିଗଲାଣି। ଫଳରେ ସାମାନ୍ୟ ବର୍ଷା ହେଲେ ନର୍ଦ୍ଦମାଜଳ ନିଷ୍କାସନ ହୋଇ ନ ପାରି ଏଣେ ତେଣେ ବୋହିଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। କ୍ୱାର୍ଟର୍ସଗୁଡ଼ିକ ପଛପଟେ ଜଙ୍ଗଲ ହୋଇଛି। ପରିମଳ ବ୍ୟବସ୍ଥା ସୁଧାରିବା ପାଇଁ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ଦୀର୍ଘଦିନ ଧରି ନିୟମିତ ସଫା କରାଯାଉ ନ ଥିବାରୁ ସେଗୁଡ଼ିକ ଅବର୍ଜନାରେ ଭର୍ତ୍ତି ହୋଇ କଲୋନି ରାସ୍ତା ପାର୍ଶ୍ୱରେ ପଡ଼ି ଦୁର୍ଗନ୍ଧ ହେଉଛି। ଏଥିରୁ ଅଞ୍ଚଳରେ ସଂକ୍ରମଣ ରୋଗ ବ୍ୟାପିବା ଆଶଙ୍କା କରିଛନ୍ତି। ମଝିରେ ମଝିରେ ଜଣେ ଠିକାଦାର ଜଣକ ନାମକୁମାତ୍ର କେତେଜଣ ଶ୍ରମିକଙ୍କୁ ଆଣି ଉକ୍ତ ଡ୍ରେନ୍‌ରୁ ମାଟି ଓ ଆବର୍ଜନା ବାହାରକରି ନାଳ ପାର୍ଶ୍ୱରେ ଗଦାକରି ଛାଡ଼ି ଚାଲି ଯାଉଛନ୍ତି। ତା' ପରଠାରୁ ସେଠାରୁ ଆଦୌ ଅଳିଆ ଆବର୍ଜନା କଢ଼ାଯାଉନାହିଁ କିମ୍ବା ସେ ଅଞ୍ଚଳରେ ଠିକାଦାରଙ୍କ ଆଉ ଦେଖା ମିଳୁନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ପରିମଳ ବ୍ୟବସ୍ଥା ଠିକାଦାରଙ୍କ ଦ୍ୱାରା ଏପରି କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଫଳରେ ମଶା ବଂଶ ବୃଦ୍ଧିରେ ସହରବାସୀ ଅଣନିଃଶ୍ୱାସୀ ହୋଇ ପଡ଼ିଲେଣି। କେତେକ କଲୋନି ମୁଖ୍ୟ ରାସ୍ତା ପାର୍ଶ୍ୱରେ କୁଢ଼କୁଢ଼ ଅଳିଆ ଆବର୍ଜନା ଜମା ହୋଇ ରହିଥିବା ଦେଖିବାକୁ ମିଳିଛି। ଅନ୍ୟ ପକ୍ଷରେ କେତେକ ସ୍ଥାନରେ କ୍ୱାର୍ଟର୍ସକୁ ସଂଯୋଗ ହୋଇଥିବା ପାଇଖାନା ଟାଙ୍କି ଫାଟି ଯାଇଛି । ଫଳରେ ଟାଙ୍କିର ମଇଳା ପାଖରେ ଥିବା ଡ୍ରେନ୍ ଓ ଆଖ ପାଖ ଅଞ୍ଚଳରେ ଖେଳେଇ ହୋଇ ରହିବାରୁ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଏ ସମ୍ପର୍କରେ ବାଲିମେଳା ଓଏଚ୍‌ପିସି କଲୋନି ପରିଚାଳନା ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ରଞ୍ଜିତ ଦାସଙ୍କୁ ପଚାରିବାରୁ ଠିକାଦାରଙ୍କ ଦ୍ୱାରା କ୍ୱାର୍ଟର୍ସ ପଛପଟ ଅଞ୍ଚଳଗୁଡ଼ିକର ଡ୍ରେନ୍ ସଫା କରାଯାଇଛି। ଯଦି ସେଠାରୁ ଅଳିଆ ଆବର୍ଜନା କାଢି ନାହାନ୍ତି, ତେବେ ସେଗୁଡ଼ିକୁ ଶୀଘ୍ର କଢ଼ାଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ଓଏଚ୍‌ପିସିର କଲୋନି ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଭିକରୀ ଚରଣ ମଲ୍ଲିକଙ୍କୁ ପଚାରିବାରୁ ଠିକା ସଂସ୍ଥାଦ୍ୱାରା ସଫେଇ କାର୍ଯ୍ୟ ଜାରି ରହିଛି। ଲୋକଙ୍କର କୌଣସି ସମସ୍ୟା ଯେପରି ନ ହୁଏ ସେଥିପ୍ରତି ଧ୍ୟାନ ଦେଇ ନିୟମିତ ଠିକ ଭାବେ କାର୍ଯ୍ୟ କରିବାକୁ ଠିକାଦାରଙ୍କୁ ତାଗିଦ କରାଯାଇଛି। ତଥାପି ଅଞ୍ଚଳ ପରିଦର୍ଶନ କରିବା ପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅଧିକାରୀ ମଲ୍ଲିକ କହିଛନ୍ତି ।

## ସ୍ୱାଭିମାନୀ, ସ୍ୱାବଲମ୍ବୀ ମଣିଷ ତିଆରି କରିବା ତାଲିମ

ଚନ୍ଦାହାଣ୍ଡି, ୧୦।୮(ଦିଲୀପ ଦାସ )

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନକାବେଡା କଲ୍ୟାଣ ମଣ୍ଡପରେ ଏକଲ ଅଭିଯାନ ବା ଏକକ ବିଦ୍ୟାଳୟ ଯୋଜନାର ଝରିଗାଁ ଓ ଚନ୍ଦାହାଣ୍ଡି ସଞ୍ଚାର ଆଚାର୍ଯ୍ୟ ପ୍ରଶିକ୍ଷଣ ବର୍ଗ ଆରମ୍ଭ ହୋଇଯାଇଛି। ଅବହେଳିତ ଓ ଦାରିଦ୍ର୍ୟତା କାରଣରୁ ଶିକ୍ଷାରୁ ବଞ୍ଚିତ ଶିଶୁମାନଙ୍କୁ ନିଃଶୁଳ୍କ ପାଠ ପଢ଼ାଇବା ସହ ସ୍ୱାଭିମାନୀ ଓ ସ୍ୱାବଲମ୍ବୀ ମଣିଷ ତିଆରି କରିବାକୁ ତାଲିମ ଦିଆଯାଉଛି। ଜୀବର୍ଦ୍ଧନ ସାହୁ,ରୂପଧର ସାନ୍ତା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଧର୍ମପ୍ରସାର ବିଭାଗର ପ୍ରାନ୍ତୀୟ ସଭାପତି ସର୍ବେଶ୍ୱ ତ୍ରିପାଠୀ ଧର୍ମ, ସଂସ୍କୃତି ଓ ଆଧ୍ୟାତ୍ମିକତା ଆଧାରେ ଆଗାମୀ ପିଢିକୁ ତିଆରି କରିବାକୁ କହିଥିଲେ। ବିଶ୍ୱ ହିନ୍ଦୁ ପରିଷଦର ଏକ ବୈଠକ କରାଯାଇଛି। ସାମାଜିକ କର୍ମୀ ଦିଲ୍ଲୀପ ଦାସଙ୍କୁ ନବରଙ୍ଗପୁର ଜିଲା ଗଣମାଧ୍ୟମ ପ୍ରମୁଖ ଓ ଲଳିତ ପଟେଲଙ୍କୁ ଜିଲା ଧର୍ମପ୍ରସାର ପ୍ରମୁଖ ଭାବେ ଦାୟିତ୍ୱ ଦିଆଯାଇଥିଲା। ଦେବାଶିଷ ପଟେଲଙ୍କୁ ଚନ୍ଦାହାଣ୍ଡି ପ୍ରଖଣ୍ଡର ଏକଲ ଅଭିଯାନ ସଂଯୋଜକ ଦାୟିତ୍ୱ ଦିଆଯାଇଛି। ବାଳକୃଷ୍ଣ ମାଝି, ଲୋକେଶ ସମରଥ, ହୃଷିକେଶ ନାୟକ, ରିଙ୍କୁ ନାଗ, ତୀର୍ଥ ଟୋଲଟିଆ, ହରିଶଙ୍କର ନାଗ, ସନ୍ୟାସୀ ନାଗ, ନକୁଳ ମନହୀରା ପ୍ରଖଣ୍ଡ ସମିତିରେ ସଭ୍ୟଭାବେ ମନୋନୀତ ହୋଇଛନ୍ତି। ସୁବଳ ବାଘ, ବାବୁଲାଲ ଜଗତ, ଡମ୍ବରୁ ମାଝି, ପ୍ରହଲ୍ଲାଦ ଗୌଡ଼ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ଅନ୍‌ଲାଇନରେ ଚିଠି, ନଥିପତ୍ର କାର୍ଯ୍ୟର ଶୁଭାରମ୍ଭ



କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି।

ମାଲକାନଗିରି, ୧୦।୮(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା ଜିଲାପାଳଙ୍କ କାର୍ଯ୍ୟାଳୟରେ ସରକାରଙ୍କ ଓଡ଼ିଶା ସେକ୍ରେଟାରିଏଟ୍ ୱାର୍କ ଫ୍ଲୋ ଅଟୋମେଶନ ସିଷ୍ଟମ (ଓସ୍ୱାସ୍) ପ୍ରକ୍ରିୟାକୁ ଶୁଭାରମ୍ଭ କରାଯାଇଛି। ଜିଲାପାଳ ବିଶାଲ ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଓସ୍ୱାସ୍‌କୁ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଗଲେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ୫-ଟି ଅନ୍ତର୍ଗତ କାର୍ଯ୍ୟକ୍ରମରେ ଦକ୍ଷତା ବୃଦ୍ଧି ହେବା ସହ ଅହେତୁକ ବିଳମ୍ବକୁ ରୋକାଯାଇପାରିବ । ଏହା ସହ ସ୍ୱଚ୍ଛତା, ଦକ୍ଷତା ପ୍ରଭାବଶାଳୀତା ଏବଂ ଉତ୍ତରଦାୟିତ୍ୱ ନିଶ୍ଚିତ କରିବା ପାଇଁ ଓସ୍ୱାସ୍ ଏକ ଅତ୍ୟନ୍ତ ପ୍ରଭାବଶାଳୀ ବ୍ୟବସ୍ଥା ବୋଲି ସେ କହିଛନ୍ତି। ସେ ଆହୁରି କହିଥିଲେ,ଅଧିକାରୀ, କର୍ମଚାରୀ ଓ ସର୍ବସାଧାରଣଙ୍କ ସୁବିଧା ପାଇଁ ଜିଲାର ସମସ୍ତ ପ୍ରମୁଖ କାର୍ଯ୍ୟାଳୟଗୁଡ଼ିକରେ ୬ ମାସ ମଧ୍ୟରେ ଏହା କାର୍ଯ୍ୟକାରୀ ହେବ। ଜିଲାପାଳ ତିନୋଟି ଫାଇଲ କାର୍ଯ୍ୟ ଓସ୍ୱାସ୍ ମାଧ୍ୟମରେ କରି ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ସମସ୍ତ ଡେପୁଟି କଲେକ୍ଟର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି, ଏନ୍‌ଆଇସି ଅଧିକାରୀ ଉପସ୍ଥିତ ଥିଲେ। ଜିଲା କାର୍ଯ୍ୟାଳୟରେ ଏହାର କାର୍ଯ୍ୟକାରିତା ପାଇଁ ଡିଜିଏମ୍ ଶୁଭାଶିଷ ପଟ୍ଟନାୟକ ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିପରି ଭୁବନେଶ୍ୱର ଓସ୍ୱାସ ତରଫରୁ ଏକ ବୈଷୟିକ ଦଳ ଏହାର ସୁପରିଚାଳନା ନିମନ୍ତେ ଉପସ୍ଥିତ ଥିଲେ।

# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No. RDM-LAA-MBJ-0003-2023-19303** **R&DM, Dated 29.05.2023**

No.XXI-14: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଡାହିସାହି ଡିଷ୍ଟ୍ରିବ୍ୟୁଟାରୀ, ମାଳିସାହି ସବ୍ ମାଇନର-୨ ଓ ଟିଆଁସି ସବ୍ ମାଇନର-୧ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା: ଗଡିଗାଁ, ଥାନା: ମୋରଡ଼ା, ନଂ. ୮୫, ତହସିଲ: ମୋରଡା, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୩୬.୦୭ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଡାହିସାହି ଡିଷ୍ଟ୍ରିବ୍ୟୁଟାରୀ, ମାଳିସାହି ସବ୍ ମାଇନର-୨ ଓ ଟିଆଁସି ସବ୍‌ମାଇନର-୧ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧୀକ୍ଷଣ ଯନ୍ତ୍ରୀ, ବେତନଟୀ କେନାଲ ଡିଭିଜନ,ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ବାରିପଦା ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ମୋରଡ଼ା | ଗଡିଗାଁ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୯୩.୭୪ | ଏ. ୩୬.୦୭ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ୦.୬୩ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ଏବଂ ଏ.୦.୬୫ ସର୍ବସାଧାରଣ ଜମି(ଦେବସ୍ଥଳୀ) ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୁରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ଭୂ-ଅର୍ଜନ ମାମଲା ସଂଖ୍ୟା-୭୬/୨୦୧୮
ଏ.୩୬.୦୭ ଡି.

## ଭୂମି ଅନୁସୂଚୀ

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଡାହିସାହି ଡିଷ୍ଟ୍ରିବ୍ୟୁଟାରୀ, ମାଳିସାହି ସବ୍ ମାଇନର-୨ ଓ ଟିଆଁସି ସବ୍‌ମାଇନର-୧ ନିମନ୍ତେ ମୌଜା-ଗଡିଗାଁ, ଥାନା-ମୋରଡା,ନଂ-୮୫, ତହସିଲ-ମୋରଡା,ଜିଲ୍ଲା-ମୟୂରଭଞ୍ଜ**

| ଖାତା ନଂ. ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 7 | 1012 | 0.38 | 0.03 | ଡାହି ଏକ | ଅରୁଣ ମହାନ୍ତ, ପି:ସୋମନାଥ ମହାନ୍ତ, ଜା:କୁଡୁମୀ, ବା:ଫୁଲବାଡିଆ |
| 10 | 1056/ 1641 | 0.52 | 0.15 | ଡାହି ଏକ | ଉଗ୍ରେସର ମହାନ୍ତ, ପି:ଗୌର ମହାନ୍ତ, ସୁରୁକୁନି ମହାନ୍ତ, ସ୍ୱା:ଗୌର ମହାନ୍ତ, ଜା:କୁଡୁମି,ବା:ନିଜଗାଁ |
| 20 | 1304 | 0.04 | 0.04 | ଡାହି ଏକ | ଉମାକାନ୍ତ ମହାନ୍ତ,ନିଳକଣ୍ଠ ମହାନ୍ତ, ଗଣେଶ ମହାନ୍ତ, ଭକ୍ତୁ ମହାନ୍ତ, ସର୍ବୀ ମହାନ୍ତ, ନୀଳ ମହାନ୍ତ, ପି:ଶୁକୁରା ମହାନ୍ତ, ଥୋପି ମହାନ୍ତ, ସ୍ୱା:ଶୁକୁରା ମହାନ୍ତ, ଜା:କୁଡୁମି, ବା:ଫୁଲବାଡିଆ |
| | 1306 | 0.95 | 0.50 | ଡାହି ଏକ | |
| 22 | 1058 | 1.16 | 1.00 | ଡାହି ଏକ | ଉମେଶ ମହାନ୍ତ, ଉପେନ୍ଦ୍ର ମହାନ୍ତ, ଭାଦୁ ମହାନ୍ତ, ସାଦୁ ମହାନ୍ତ, ପି:ଯାଦୁ ମହାନ୍ତ, ବେଙ୍ଗ ମହାନ୍ତ, ସ୍ୱା:ଯାଦୁ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| 28 | 1041 | 1.24 | 0.24 | ଡାହି ଏକ | କହ୍ନେଇ ମହାନ୍ତ, ପୀତାମ୍ବର ମହାନ୍ତ, ବାଇଧର ମହାନ୍ତ, ପି:ମଙ୍ଗଲା ମହାନ୍ତ, ନିତ୍ୟାନନ୍ଦ ମହାନ୍ତ, କେଶବତୀ ମହାନ୍ତ, ଗୁରୁବାରି ମହାନ୍ତ, ପି:ହୀରାଧନ ମହାନ୍ତ, ଭାରତୀ ମହାନ୍ତ, ସ୍ୱା:ହାରାଧନ ମହାନ୍ତ, ଜା:କୁଡୁମୀ,ବା:ଫୁଲବାଡିଆ |
| 68 | 1056 | 0.54 | 0.12 | ଡାହି ଏକ | ଚଞ୍ଚଳା ମହାନ୍ତ, ଅଞ୍ଜନା ମହାନ୍ତ, ପି:ଲକ୍ଷ୍ମୀଧର ମହାନ୍ତ, ପଦୁ ମହାନ୍ତ, ସ୍ୱା:ଲକ୍ଷ୍ମୀଧର ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| 77 | 1054 | 1.21 | 0.27 | ଡାହି ଏକ | ଚୈତନ ମହାନ୍ତ, ହରମୋହନ ମହାନ୍ତ, ପି:ସମ୍ଭୁ ମହାନ୍ତ,ଗୋଲାପ ମହାନ୍ତ, ସ୍ୱା:ସମ୍ଭୁ ମହାନ୍ତ, ଶୀତଳ ଚନ୍ଦ୍ର ମହାନ୍ତ, ପରମାନନ୍ଦ ମହାନ୍ତ, ପି:ରୂପା ମହାନ୍ତ, ଜା:କୁଡୁମି, ବା:ଫୁଲବାଡିଆ |
| 78 | 1055 | 1.50 | 0.44 | ଡାହି ଏକ | ଚୈତନ ମହାନ୍ତ, ହରମୋହନ ମହାନ୍ତ, ପି:ସମ୍ଭୁ ମହାନ୍ତ, ଗୋଲାପ ମହାନ୍ତ, ସ୍ୱା:ସମ୍ଭୁ ମହାନ୍ତ, ରହିନା ମହାନ୍ତ, ବାଉରି ମହାନ୍ତ, ଫଟୁ ମହାନ୍ତ, ପି:ଆଶିର୍ବାଦ ମହାନ୍ତ, ଲାଲ ମହାନ୍ତ, ବୁଧୁ ମହାନ୍ତ, ଗଙ୍ଗାଧର ମହାନ୍ତ, ପି:ଶଙ୍କର ମହାନ୍ତ, ଦ୍ୱାରୀ ମହାନ୍ତ, ପି:ନକୁଳ ମହାନ୍ତ, ଶୀତଳ ଚନ୍ଦ୍ର ମହାନ୍ତ, କାର୍ତ୍ତିକ ଚନ୍ଦ୍ର ମହାନ୍ତ, ପରମାନନ୍ଦ ମହାନ୍ତ, ପି:ରୂପା ମହାନ୍ତ, ବାୟା ମହାନ୍ତ, ହାଡିବନ୍ଧୁ ମହାନ୍ତ, ପି:କାଞ୍ଚନ ମହାନ୍ତ, ବିଦୁ ମହାନ୍ତ, ସ୍ୱା:କାଞ୍ଚନ ମହାନ୍ତ, ଜା:କୁଡୁମି, ବା:ଫୁଲବାଡିଆ |
| 89 | 992 | 0.44 | 0.28 | ଡାହି ଏକ | ଯୁଧେଷ୍ଠି ମହାନ୍ତ, ପି:କ୍ଷେତ୍ରମୋହନ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| 94 | 1168/1685 | 0.14 | 0.04 | ଶାରଦ ଦୁଇ | ତ୍ରିନାଥ ଦାସ, ପି:କାଳି ଚରଣ ଦାସ, ଜା:ବୈଷ୍ଣବ, ବା:ନିଜଗାଁ |
| | 1078/1688 | 0.14 | 0.14 | ଶାରଦ ଦୁଇ | |
| 101 | 1278 | 0.16 | 0.16 | ଶାରଦ ଦୁଇ | ଦଶରଥ ଦାସ, ପି:କାଳି ଚରଣ ଦାସ, ଜା:ବୈଷ୍ଣବ,ବା:ନିଜଗାଁ |
| | 1098/1677 | 0.34 | 0.02 | ଡାହି ଏକ | |
| | 1168/1686 | 0.14 | 0.14 | ଶାରଦ ଦୁଇ | |
| 108 | 1162 | 1.02 | 0.60 | ଡାହି ଏକ | ଦିବାକର ମହାକୁଡ, ଭାସ୍କର ମହାକୁଡ, ପ୍ରଭାକର ମହାକୁଡ, ଜକ୍କୁ ମହାକୁଡ, ପି:ଚନ୍ଦ୍ରଶେଖର ମହାକୁଡ, ଜା:ଗୋପାଳ, ବା:ନିଜଗାଁ |
| 113 | 992/1913 | 0.09 | 0.03 | ଡାହି ଏକ | ଦେବେନ୍ଦ୍ର ମହାନ୍ତ, ପଦ୍ମଲୋଚନ ମହାନ୍ତ, ଅଙ୍ଗଦ ମହାନ୍ତ, ସାହି ମହାନ୍ତ, ପି:ଫକିର ମହାନ୍ତ, ରୋଦନୀ ମହାନ୍ତ, ସ୍ୱା:ଫକିର ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| 115 | 396 | 2.06 | 0.10 | ଆଶୁ | ବୈତାରି ଧାଉଡିଆ, ହରିଶ୍ଚନ୍ଦ୍ର ଧାଉଡିଆ, ନରେନ୍ଦ୍ର ଧାଉଡିଆ, ପ୍ରଫୁଲ୍ଲ ଧାଉଡିଆ, ପି:ଗଣଶର ଧାଉଡିଆ, ଆଶା ଧାଉଡିଆ, ଗେହ୍ଲା ଧାଉଡିଆ, ପି:ସନାତନ ଧାଉଡିଆ, ଜା:ଖଣ୍ଡୁଆଳ, ବା:ନିଜଗାଁ |
| 116 | 1154 | 0.34 | 0.03 | ଡାହି ଏକ | ଧନିରାମ ମହାନ୍ତ, କୁଶ ମହାନ୍ତ, ଲବ ମହାନ୍ତ, ପି:କାଳିଆ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | 1004/1864 | 0.22 | 0.22 | ଘରବାରି | |
| 136 | 1115 | 0.30 | 0.30 | ଡାହି ଏକ | ପବନ ମହାନ୍ତ, ପି:ନକୁଳ ମହାନ୍ତ, ଜା:କୁଡୁମି,ବା:ଫୁଲବାଡିଆ |
| 150 ରୟତି | 1076 | 1.92 | 0.62 | ଡାହି ଏକ | ପୈରାଗି ମହାନ୍ତ, ମନ୍ଦ ମହାନ୍ତ, ଧାନବତୀ ମହାନ୍ତ, ପି:ରାମଚନ୍ଦ୍ର ମହାନ୍ତ, ସନ୍ତୋଷ ମହାନ୍ତ, ଛୁଟୁ ମହାନ୍ତ, ପି:ସୁରେନ୍ଦ୍ର ମହାନ୍ତ, ନିଶ୍ଚିନ୍ତ ମହାନ୍ତ, ପି:ଉଦ୍ଧବ ମହାନ୍ତ, ସୁକୁରି ମହାନ୍ତ, ପି:ବିଦ୍ୟାଧର ମହାନ୍ତ, ପଦ୍ମାବତୀ ମହାନ୍ତ, ପି:ଦଶରଥ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | 1095 | 1.09 | 0.85 | ଡାହି ଏକ | |
| | 1010/1657 | 0.78 | 0.02 | ଡାହି ଏକ | |
| | 1012/1845 | 0.56 | 0.02 | ଡାହି ଏକ | |
| 151 | 1057 | 2.47 | 1.10 | ଡାହି ଏକ | ଫକିର ମହାନ୍ତ, ପି:ଚକ୍ରଧର ମହାନ୍ତ, ଜା:କୁଡୁମି,ବା:ଫୁଲବାଡିଆ |
| 154 | 1164 | 2.42 | 1.60 | ଶାରଦ ଦୁଇ | ଫକିର ମୋହନ ମହାନ୍ତ, ପି:ଗୁହିରାମ ମହାନ୍ତ, ଜା:କୁଡୁମି,ବା:ନିଜଗାଁ |
| | 1167 | 0.37 | 0.07 | ଶାରଦ ଦୁଇ | |
| 156 | 395/1724 | 0.95 | 0.40 | ଆଶୁ | ବାଇଧର ମାଝୀ, ପି:ମୁଡୁଗା ମାଝୀ, ଜା:ସାନ୍ତାଳ,ବା:ନିଜଗାଁ |
| 165 | 1277 | 0.46 | 0.05 | ଶାରଦ ଦୁଇ | ବାହାଦୁର ମହାନ୍ତ, ପି:ସୁଫଳ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| 166 | 1096/1675 | 0.12 | 0.09 | ଡାହି ଏକ | ବିଦ୍ୟାଧର ଦାସ, ପି:କାଳିଚରଣ ଦାସ, ଜା:ବୈଷ୍ଣବ,ବା:ନିଜଗାଁ |
| | 1098/1676 | 0.24 | 0.05 | ଡାହି ଏକ | |
| | 1168/1687 | 0.17 | 0.17 | ଶାରଦ ଦୁଇ | |
| 169 | 1079 | 0.99 | 0.01 | ଡାହି ଏକ | ବିରା ମହାନ୍ତ, ଗିରିଧାରୀ ମହାନ୍ତ, ପି:ଚୁନାରାମ ମହାନ୍ତ, ଭରତ ମହାନ୍ତ, ଅଷ୍ଟମୀ ମହାନ୍ତ, ଷଷ୍ଠମୀ ମହାନ୍ତ, ଚୁନିମଣି ମହାନ୍ତ, ପି:ଅକିଳ ମହନ୍ତ, ଯାତ୍ରୀ ମହାନ୍ତ, ସ୍ୱା:ଅକିଳ ମହାନ୍ତ, ଜା:କୁଡୁମି, ବା:ଫୁଲବାଡିଆ |
| | 1103 | 0.52 | 0.52 | ଡାହି ଏକ | |
| | 1569 | 1.58 | 0.98 | ଡାହି ଏକ | |
| 173 | 1163 | 0.90 | 0.52 | ଡାହି ଏକ | ବୃନ୍ଦାବନ ଦାସ, ପି:ହରିହର ଦାସ, ଜା:ବୈଶ୍ୟ,ବା:ନିଜଗାଁ |
| 174 | 1101 | 0.65 | 0.18 | ଡାହି ଏକ | ବୃନ୍ଦାବନ ଦାସ, ଲକ୍ଷ୍ମୀ ଦାସ, ଇନ୍ଦ୍ରମଣି ଦାସ, ପି:ହରିହର ଦାସ, ଚମ୍ପା ଦାସ, ସ୍ୱା:ହରିହର ଦାସ, ଜା:ବୈଷ୍ଣବ, ବା:ନିଜଗାଁ |
| 178 | 781/1576 | 1.15 | 0.50 | ଡାହି ଏକ | ବୈକୁଣ୍ଠ ମହାକୁଡ, ପି:ଗୋରା ମହାକୁଡ, ମହେଶ୍ୱର ମହାକୁଡ, ଗଣେଶ୍ୱର ମହାକୁଡ, ପି:ଗୌର ମହାକୁଡ, ସୂର୍ଯ୍ୟ ମହାକୁଡ, ସ୍ୱା: ଗୌର ମହାକୁଡ, ଶତ୍ରୁଘନ ମହାକୁଡ, ଏକାଦଶୀ ମହାକୁଡ, ପି:କାଳିଆ ମହାକୁଡ, ଜା:ମଗଧା ଗଉଡ, ବା:ନିଜଗାଁ |
| | 1159/1933 | 0.27 | 0.03 | ଡାହି ଏକ | |
| 184 | 1100 | 0.27 | 0.27 | ଡାହି ଏକ | ଭାଗରଥି ଦାସ, ପି:କୃଷ୍ଣ ଦାସ, ଜା:ବଣିଆ, ବା:ନିଜଗାଁ |
| 186 | 1005 | 0.86 | 0.14 | ଡାହି ଏକ | ଭାଗିରଥି ମହାନ୍ତ, ରଥୁକାନ୍ତ ମହାନ୍ତ, ଅଭିରାମ ମହାନ୍ତ, ମସୁରୀ ମହାନ୍ତ, ପି:ଜଗନ୍ନାଥ ମହାନ୍ତ, ଲକ୍ଷ୍ମୀ ମହାନ୍ତ, ସ୍ୱା:ଜଗନ୍ନାଥ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | 1001 | 0.80 | 0.20 | ଘରବାରି | |
| | 1002 | 2.26 | 1.15 | ଘରବାରି | |
| 189 | 1102 | 1.53 | 1.41 | ଡାହି ଏକ | ଭାଦୁଡି ମାଝୀ, କାଳିଆ ମାଝୀ, ଘାସିରାମ ମାଝୀ, ପି:ପାଲୁ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 1158 | 0.83 | 0.43 | ଡାହି ଏକ | |
| 219 | 1004 | 0.22 | 0.22 | ଘରବାରି | ମୋହନ ମହାନ୍ତ, ପି:ବଡପ୍ରହରାଜ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| 223 | 1045 | 1.59 | 0.56 | ଡାହି ଏକ | ରହିନ ମହାନ୍ତ, ବାଉରି ମହାନ୍ତ, ଫୁଟୁ ମହାନ୍ତ, ବାଟା ମହାନ୍ତ, ପି:ଆଶିର୍ବାଦ ମହାନ୍ତ, ଜା:କୁଡୁମି, ବା:ଫୁଲବାଡିଆ |
| | 1046 | 2.60 | 0.74 | ଡାହି ଏକ | |
| 226 | 1094 | 2.74 | 1.04 | ଡାହି ଏକ | ରାଜ କିଶୋର ଦାସ, କାର୍ତ୍ତିକ ଦାସ, ପି:ରାମଧନ ଦାସ, ବଳଭଦ୍ର ଦାସ, ଉମାକାନ୍ତ ଦାସ, ସାବିତ୍ରୀ ଦାସ, ନୁନା ଦାସ, ପି:ଜଗନ୍ନାଥ ଦାସ, ସକୁନ୍ତଳା ଦାସ, ସ୍ୱା:ଜଗନ୍ନାଥ ଦାସ, ଜା:ବୈଷ୍ଣବ, ବା:ନିଜଗାଁ |
| | 1099 | 0.38 | 0.38 | ଡାହି ଏକ | |
| 230 | 1096 | 0.18 | 0.02 | ଡାହି ଏକ | ରାଧୁ ଦାସ, ପି:କାଳି ଚରଣ ଦାସ, ଜା:ବୈଷ୍ଣବ, ବା:ନିଜଗାଁ |
| | 1168 | 0.22 | 0.10 | ଶାରଦ ଦୁଇ | |
| 239 | 992/1912 | 0.43 | 0.43 | ଡାହି ଏକ | ରିଟା ମହାନ୍ତ, ସୁବଳ ମହାନ୍ତ, ସନାତନ ମହାନ୍ତ, ସୁଲୋଚନା ମହାନ୍ତ, ଲକ୍ଷ୍ମୀ ମହାନ୍ତ, ପି:ଲାଲମୋହନ ମହାନ୍ତ, ଧୀର ମହାନ୍ତ, ସ୍ୱା:ଲାଲମୋହନ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| 257 | 1014 | 0.48 | 0.34 | ଡାହି ଏକ | ଲାଲ ମୋହନ ମହାନ୍ତ, ବୁଧୁ ମହାନ୍ତ, ଗଙ୍ଗାଧର ମହାନ୍ତ, ପି:ଶଙ୍କର ମହାନ୍ତ, ଜା:କୁଡୁମୀ, ବା:ଫୁଲବାଡିଆ |
| 259 | 1040 | 1.07 | 0.26 | ଶାରଦ ଦୁଇ | ସହଦେବ ପାତ୍ର, ପି:ନାଥ ପାତ୍ର, ଜା:ପାତ୍ରତନ୍ତି, ବା:ନିଜଗାଁ |
| 261 | 1116 | 1.02 | 0.58 | ଡାହି ଏକ | ସ୍ୱଦେଶୀ ମହାନ୍ତ, ରାସୁ ମହାନ୍ତ, ରହିନା ମହାନ୍ତ, ପ୍ରମିଳା ମହାନ୍ତ, ପି:ନବ ମହାନ୍ତ, ସୁନ୍ଦରୀ ମହାନ୍ତ, ସ୍ୱା:ନବ ମହାନ୍ତ, କୁଶ ମହାନ୍ତ, ପି:କୈଳାସ ମହାନ୍ତ, ଭାସ୍କର ମହାନ୍ତ, ଦିବାକର ମହାନ୍ତ, ଚେନି ମହାନ୍ତ, ପି:ମହିନ୍ଦ୍ର ମହାନ୍ତ, ମଢି ମହାନ୍ତ, ସ୍ୱା:ମହିନ୍ଦ୍ର ମହାନ୍ତ, ଜା: କୁଡୁମି, ବା:ନିଜଗାଁ |
| | 1117 | 0.12 | 0.12 | ଶାରଦ ତିନି | |
| | 1121 | 0.45 | 0.10 | ଶାରଦ ତିନି | |
| | 1129/1928 | 0.14 | 0.10 | ଶାରଦ ତିନି | |
| | 1117/1929 | 0.21 | 0.21 | ଶାରଦ ତିନି | |
| | 1121/1931 | 0.09 | 0.03 | ଶାରଦ ତିନି | |
| 265 | 1161 | 0.80 | 0.28 | ଡାହି ଏକ | ସର୍ବେଶ୍ୱର ମହାନ୍ତ, ହରିହର ମହାନ୍ତ, ସୋମନାଥ ମହାନ୍ତ, ପି:ଧନୁର୍ଜୟ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | 1282 | 1.10 | 0.46 | ଶାରଦ ଦୁଇ | |
| 271 | 1004/1863 | 0.17 | 0.02 | ଘରବାରି | ସହନ ମହାନ୍ତ, ପି:ବଡପ୍ରହରାଜ ମହାନ୍ତ, ଜା:କୁଡୁମୀ,ବା:ନିଜଗାଁ |
| 282 | 1113 | 0.74 | 0.46 | ଡାହି ଏକ | ଶିବ ମହାନ୍ତ, ପି:ବାହାଦୁର ମହାନ୍ତ, ରଥୁ ମହାନ୍ତ, ପି:ସାହେବା ମହାନ୍ତ, ତଲେଙ୍ଗୁ ମହାନ୍ତ, ଛତିଶ ମହାନ୍ତ, ପି:ଭିମ ମହାନ୍ତ, ପାନ ମହାନ୍ତ, ସ୍ୱା:ଭିମ ମହାନ୍ତ, ଧୁନ୍ଦି ମହାନ୍ତ, ପି:ତାରାଚାନ୍ଦ ମହାନ୍ତ, ଚମ୍ପା ମହାନ୍ତ, ପି:ଅର୍ଜ୍ଜୁନ ମହାନ୍ତ, ଦୁର ମହାନ୍ତ, ସ୍ୱା:ତାରାଚାନ୍ଦ ମହାନ୍ତ, ଖୁଡି ମହାନ୍ତ, ପି:ଶୁକା ମହାନ୍ତ, ଗୁହିରାମ ମହାନ୍ତ, ପି:ବରଜୁ ମହାନ୍ତ, ପ୍ରେମଚାନ୍ଦ ମହାନ୍ତ, ପି:ଦୁକୁ ମହାନ୍ତ, ଜା:କୁଡୁମି ବା:ଫୁଲବାଡିଆ |
| | 1015/1663 | 0.33 | 0.13 | ଡାହି ଏକ | |
| | 1015/1664 | 0.27 | 0.27 | ଡାହି ଏକ | |
| 284 | 1077 | 0.65 | 0.12 | ଡାହି ଏକ | ଶ୍ରୀଧର ଦାସ, ସିଦ୍ଧେଶ୍ୱର ଦାସ, କାମେଶ୍ୱର ଦାସ, ଅନ୍ତର୍ଯାମି ଦାସ, ସତ୍ୟନାରାୟଣ ଦାସ, ଶାନ୍ତିଲତା ଦାସ, ପି:ତ୍ରିନାଥ ଦାସ, ରତ୍ନମଣି ଦାସ, ସ୍ୱା:ତ୍ରିନାଥ ଦାସ, ଜା:ବୈଶ୍ୟ, ବା:ନିଜଗାଁ |
| 286 | 1115/1865 | 0.42 | 0.08 | ଡାହି ଏକ | ସୁକୁ ମହାନ୍ତ, ପି:ନକୁଳ ମହାନ୍ତ, ଜା:କୁଡୁମି,ବା:ଫୁଲବାଡିଆ |
| 295 | 781/1572 | 0.96 | 0.48 | ଡାହି ଏକ | ସୁଦାମ ମହାନ୍ତ, କାଙ୍ଗାଳି ମହାନ୍ତ, ପି:ଗୋବିନ୍ଦ ମହାନ୍ତ, ଅଭିରାମ ମହାନ୍ତ, ରବିନ୍ଦ୍ର ମହାନ୍ତ, ଦେବେନ୍ଦ୍ର ମହାନ୍ତ, ଶୁଶିଳା ମହାନ୍ତ, ମନୋରମା ମହାନ୍ତ, ପି:କାଳାଚାନ୍ଦ ମହାନ୍ତ, ଚେପି ମହାନ୍ତ, ସ୍ୱା:କାଳାଚାନ୍ଦ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି:ଶ୍ରୀପତି ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | 781/1617 | 0.57 | 0.06 | ଡାହି ଏକ | |
| | 781/1618 | 0.30 | 0.20 | ଡାହି ଏକ | |
| | 781/1619 | 0.72 | 0.02 | ଡାହି ଏକ | |
| 304 | 1078 | 3.00 | 1.30 | ଡାହି ଏକ | ସୁରେନ୍ଦ୍ର ପାଳ, ଝାଡେଶ୍ୱର ପାଳ, ଗଣେଶ୍ୱର ପାଳ, ପାର୍ବତୀ ପାଳ, ଦ୍ରୁପଦୀ ପାଳ, ପି:ଶିବ ପାଳ, ରାଜେଶ୍ୱରୀ ପାଳ, ସ୍ୱା:ଶିବ ପାଳ, ଜା:ବଣିଆ, ବା:ନିଜଗାଁ |
| | 1093 | 3.56 | 0.18 | ଡାହି ଏକ | |
| | 1114 | 3.08 | 1.04 | ଡାହି ଏକ | |
| 312 | 1275 | 2.06 | 0.01 | ଘରବାରି | ହର ମୋହନ ମହାନ୍ତ, ଜଗ ମୋହନ ମହାନ୍ତ, ଲାଲ ମୋହନ ମହାନ୍ତ, ନିଶିକାନ୍ତ ମହାନ୍ତ, ପି:ବାଉରିବନ୍ଧୁ ମହାନ୍ତ, ମୁସୁରୀ ମହାନ୍ତ, ସ୍ୱା:ବାଉରୀବନ୍ଧୁ ମହାନ୍ତ, ଜା:କୁଡୁମୀ, ବା:ନିଜଗାଁ |
| | 1292 | 4.20 | 2.12 | ଡାହି ଏକ | |
| 318 | 991 | 3.12 | 1.50 | ଡାହି ଏକ | ହାରାଧନ ମହାନ୍ତ, ପି:ଚାନ୍ଦ ମହାନ୍ତ, ଜା:କୁଡୁମି, ବା:ଫୁଲବାଡିଆ |
| | 1044 | 5.19 | 0.70 | ଡାହି ଏକ | |
| 318/6 | 1076/1975 | 1.92 | 0.60 | ଡାହି ଏକ | ଆହ୍ଲାଦି ମହାନ୍ତ, ସ୍ୱା:ଝାଡେଶ୍ୱର ମହାନ୍ତ, ଜା:କୁଡୁମି, କ୍ଷେତ୍ରିୟ, ବା:ନିଜଗାଁ, ମାଳତୀ ମହାନ୍ତ, ସ୍ୱା:ଉପେନ୍ଦ୍ର ମହାନ୍ତ, ଜା:କୁଡୁମୀ କ୍ଷେତ୍ରିୟ, ବା:ଛୋଟରାୟପୁର |
| 318/13 | 1119 | 0.18 | 0.18 | ଶାରଦ ତିନି | ନିଳାମ୍ବର ଦାସ, ବାଗାମ୍ବର ଦାସ, ସର୍ବେଶ୍ୱର ଦାସ, ପି:ଦଶରଥ ଦାସ, ଜା:ବୈଶ୍ୟ, ବା:ନିଜଗାଁ |
| | 1121/1930 | 0.10 | 0.04 | ଶାରଦ ତିନି | |
| 318/89 | 1041/2041 | 0.46 | 0.02 | ଡାହି ଏକ | ଭାସ୍କର ଚନ୍ଦ୍ର ମହାନ୍ତ, ପି:ସହନ ମହାନ୍ତ, ଜା:କୁଡୁମୀ, ବା:ନିଜଗାଁ |
| 318/144 | 1279/2086 | 0.17 | 0.03 | ଶାରଦ ଏକ | ଝାଡେଶ୍ୱର ପାଳ, ପି:ଶିବପାଳ, ଜା:ବଣିଆ, ବା:ନିଜଗାଁ |
| 318/145 | 1279/2088 | 0.18 | 0.13 | ଶାରଦ ଏକ | ଗଣେଶ୍ୱର ପାଳ, ପି:ଶିବ ପାଳ, ଜା:ବଣିଆ,ବା:ନିଜଗାଁ |
| 318/157 | 1113/2100 | 0.08 | 0.03 | ଡାହି ଏକ | ଦିନବନ୍ଧୁ ଭକ୍ତା, ପି:ଈଶ୍ୱର ଭକ୍ତା, ଜା:ଲୋଧା,ବା:ନିଜଗାଁ |
| 318/190 | 1122 | 0.35 | 0.12 | ଶାରଦ ତିନି | ନବକୃଷ୍ଣ ମହାନ୍ତ, ପି:ସହଦେବ ମହାନ୍ତ, ଜା:କୁଡୁମୀ,ବା:ନିଜଗାଁ |
| | 1117/1997 /2145 | 0.05 | 0.05 | ଶାରଦ ତିନି | |
| 318/191 | 1117/1997 | 0.05 | 0.05 | ଶାରଦ ତିନି | ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି:ସହଦେବ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | 1122/2134 | 0.35 | 0.10 | ଶାରଦ ତିନି | |
| 318/192 | 1122/2135 | 0.35 | 0.04 | ଶାରଦ ତିନି | ଧନଞ୍ଜୟ ମହାନ୍ତ, ପି:ସହଦେବ ମହାନ୍ତ, ଜା:କୁଡୁମୀ, ବା:ନିଜଗାଁ |
| | 1117/1997 /2146 | 0.05 | 0.05 | ଡାହି ଏକ | |
| 318/219 | 990 | 2.85 | 0.01 | ଡାହି ଏକ | ଜଲେଶ୍ୱରୀ ମହାନ୍ତ, ସ୍ୱା:ଶ୍ୟାମସୁନ୍ଦର ମହାନ୍ତ, ଜା:କୁଡୁମି, ବା:ଫୁଲବାଡିଆ |
| 318/277 | 1303 | 1.20 | 0.56 | ଡାହି ଏକ | ନିତ୍ୟାନନ୍ଦ ନାୟକ, ପି:ନିଳକଣ୍ଠ ନାୟକ, ଜା:ଖଣ୍ଡାୟତ, ବା:ୱାର୍ଡ ନଂ. ୧୩, ଶ୍ରୀପଦଗଞ୍ଜ ବାରିପଦା, ଥା-ବାରିପଦା ଟାଉନ |
| **ଗୋଚର ପ୍ରତିବଦଳ** | | | | | |
| 304 | 1093 | 3.56 | 0.63 | ଡାହି ଏକ | ସୁରେନ୍ଦ୍ର ପାଳ, ଝାଡେଶ୍ୱର ପାଳ, ଗଣେଶ୍ୱର ପାଳ, ପାର୍ବତୀ ପାଳ,ଦ୍ରୁପଦୀ ପାଳ, ପି:ଶିବ ପାଳ, ରାଜେଶ୍ୱରୀ ପାଳ, ସ୍ୱା:ଶିବ ପାଳ, ଜା:ବଣିଆ, ବା:ନିଜଗାଁ |
| **ଦେବସ୍ଥଳୀ ପ୍ରତିବଦଳ** | | | | | |
| 116 | 1154 | | 0.31 | ଡାହି ଏକ | ଧନିରାମ ମହାନ୍ତ, କୁଶ ମହାନ୍ତ, ଲବ ମହାନ୍ତ, ପି:କାଳିଆ ମହାନ୍ତ, ଜାତି:କୁଡୁମି, ବା:ନିଜଗାଁ |
| 136 | 1154/1918 | 0.35 | 0.21 | ଡାହି ଏକ | ପବନ ମହାନ୍ତ, ପି:ନକୁଳ ମହାନ୍ତ, ଜାତି:କୁଡୁମି, ବା:ଫୁଲବାଡିଆ |
| 261 | 1121 | | 0.13 | ଶାରଦ ତିନି | ସଦେଶୀ ମହାନ୍ତ, ରାସୁ ମହାନ୍ତ, ରହିନା ମହାନ୍ତ, ପ୍ରମିଳା ମହାନ୍ତ, ପି:ନବ ମହାନ୍ତ, ସୁନ୍ଦରୀ ମହାନ୍ତ, ସ୍ୱା:ନବ ମହାନ୍ତ, କୁଶ ମହାନ୍ତ, ପି:କୈଳାଶ ମହାନ୍ତ, ଭାସ୍କର ମହାନ୍ତ, ଦିବାକର ମହାନ୍ତ, ଚେନି ମହାନ୍ତ, ପି:ମହେନ୍ଦ୍ର ମହାନ୍ତ, ମୋଡି ମହାନ୍ତ, ସ୍ୱା:ମହିନ୍ଦ୍ର ମହାନ୍ତ, ଜାତି:କୁଡୁମି, ବା:ନିଜଗାଁ |
| ମୋଟ | ୧୦୩ ପ୍ଲଟକୁ | ଏ. ୯୩.୭୪ ଡେ.ମି | ଏ.୩୬.୦୭ ଡେ.ମି | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ଅଭୟ କୁମାର ନାୟକ)
ସ୍ୱତନ୍ତ୍ର ଶାସନ ସଚିବ

OIPR-24001/14/0038/2324

